କୋଶଳ ସମ୍ବାଦ

କୋଶଳର ସ୍ୱର, ଜନତାର ସମ୍ବାଦ

RNI REGD NO- ORORI/26A4694 | ଦୈନିକ ଓଡ଼ିଆ ଖବର କାଗଜ | KOSHAL SAMBAD- Daily News Paper

Vol- 01 ■ No-43, Sunday 15 November 2026 ■ 6 pages : Rs. 4/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୩ ■ ରବିବାର ୧୫ ନଭେମ୍ବର ୨୦୨୬■ ୬ ପୃଷ୍ଠା: ମୂଲ୍ୟ ୪/-ଟଙ୍କା

ଓଡ଼ିଶାକୁ ମିଳିବ ଆଉ ୧ ଲକ୍ଷ ଆବାସ ଘର, ଗ୍ରାମାଞ୍ଚଳର ଗରିବ ପରିବାରଙ୍କୁ ମିଳିବ ଆଶ୍ୱାସନା



ବଲାଙ୍ଗୀର, ୧୫/୧୧: ଗ୍ରାମାଞ୍ଚଳର ଗରିବ ଓ ଗୃହହୀନ ପରିବାରଙ୍କୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ଓଡ଼ିଶା ପାଇଁ ଆଉ ଏକ ଲକ୍ଷ ଘର ମଞ୍ଜୁର ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଏହି ଅତିରିକ୍ତ ଆବଣ୍ଟନ ହୋଇଥିବାରୁ ରାଜ୍ୟର ମୋଟ ଆବଣ୍ଟନ ପାଞ୍ଚ ଲକ୍ଷରେ ପହଞ୍ଚିଛି । ନଭେମ୍ବର ୧୪ ତାରିଖରେ ବଲାଙ୍ଗୀରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରୁ ଅତିରିକ୍ତ ଏକ ଲକ୍ଷ ଘର ଆବଣ୍ଟନ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ନିଷ୍ପତ୍ତି ଗ୍ରାମାଞ୍ଚଳରେ ଦୀର୍ଘଦିନ ଧରି ଘର ପାଇଁ ଅପେକ୍ଷା କରିଥିବା ଅନେକ ପରିବାରଙ୍କ ମଧ୍ୟରେ ଆଶା ସୃଷ୍ଟି କରିଛି । ରାଜ୍ୟର ଅନେକ ଅଞ୍ଚଳରେ ଏବେ ମଧ୍ୟ ଗରିବ ପରିବାର ଭଙ୍ଗା ଚାଳଘର, ମାଟିଘର ଓ ଅସୁରକ୍ଷିତ ବାସଗୃହରେ ଜୀବନ ବିତାଉଛନ୍ତି । ବର୍ଷା ଓ ବାତ୍ୟା ସମୟରେ ଏହି ପରିବାରଗୁଡ଼ିକ ଅଧିକ ବିପଦର ସମ୍ମୁଖୀନ ହୋଇଥାନ୍ତି । ଏଭଳି ପରିସ୍ଥିତିରେ ପକ୍କା ଘର ଯୋଜନା ସେମାନଙ୍କ ପାଇଁ ଏକ ବଡ଼ ସାହାଯ୍ୟ ହୋଇପାରିବ । ତେବେ ଯୋଜନାର ପ୍ରକୃତ ସଫଳତା କେବଳ ଘର ମଞ୍ଜୁରୀରେ ସୀମିତ ରହିବା ଉଚିତ ନୁହେଁ । ଯୋଗ୍ୟ ହିତାଧିକାରୀଙ୍କ ଚୟନ ସ୍ୱଚ୍ଛ ଭାବେ କରିବା ସହ ଘର ନିର୍ମାଣ ପାଇଁ ମିଳୁଥିବା ସହାୟତା ଠିକ୍ ସମୟରେ ପ୍ରଦାନ କରିବା ଆବଶ୍ୟକ । ମଧ୍ୟସ୍ଥିଙ୍କ ହସ୍ତକ୍ଷେପ ଓ ଅନିୟମିତତାକୁ ରୋକିବା ପାଇଁ ପ୍ରଶାସନକୁ ଦୃଷ୍ଟି ଦେବାକୁ ପଡ଼ିବ । ଗ୍ରାମାଞ୍ଚଳର ପ୍ରତ୍ୟେକ ଯୋଗ୍ୟ ଗୃହହୀନ ପରିବାର ଯେପରି ଏହି ଯୋଜନାର ସୁଫଳ ପାଇପାରିବେ, ସେଥିପାଇଁ ପଞ୍ଚାୟତସ୍ତରରେ ତଦାରଖ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ ।

୮୦୭ ସରକାରୀ ବିଦ୍ୟାଳୟରେ ରୋବୋଟିକ୍ସ ଲ୍ୟାବ୍, ଆଧୁନିକ ଶିକ୍ଷାରେ ନୂଆ ଅଧ୍ୟାୟ

୧୬୪ କୋଟିରୁ ଅଧିକ ବ୍ୟୟରେ ପ୍ରଯୁକ୍ତିଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ



ଭୁବନେଶ୍ୱର, ୧୫/୧୧: ରାଜ୍ୟର ୧୬୪.୩୩ କୋଟି ଟଙ୍କା ବ୍ୟୟ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଓ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଓଡ଼ିଶାର ୮୦୭ଟି ସରକାରୀ ବିଦ୍ୟାଳୟରେ ରୋବୋଟିକ୍ସ ଲାବୋରେଟୋରି ଆରମ୍ଭ କରାଯାଇଛି । ଏଥିପାଇଁ ହୋଇଛି । ନଭେମ୍ବର ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ରୋବୋଟିକ୍ସ ଲ୍ୟାବ୍ ଉଦ୍ୟମର ଶୁଭାରମ୍ଭ କରିଥିଲେ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ପାଠ୍ୟପୁସ୍ତକରେ ସୀମିତ ନରହି ବିଜ୍ଞାନ, ଗଣିତ, କମ୍ପ୍ୟୁଟର ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ପ୍ରାୟୋଗିକ ଭାବେ ଶିଖିବାର ସୁଯୋଗ ପାଇବେ । ଆଜିର ଯୁଗରେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡିଜିଟାଲ୍ ପ୍ରଯୁକ୍ତି ଓ ଅଟୋମେସନ୍ ମାନବ ସମାଜର କାର୍ଯ୍ୟଧାରାକୁ ପରିବର୍ତ୍ତନ କରୁଛି । ଏପରି ସମୟରେ ଛାତ୍ରଛାତ୍ରୀଙ୍କୁ ଛୋଟ ବୟସରୁ ଏହିସବୁ ବିଷୟରେ

(ଅବଶିଷ୍ଟାଂଶ ପୃଷ୍ଠା-୪ରେ)





ତୋଶାଲି ସମାଜ

ରବିବାର ୧୫ ନଭେମ୍ବର ୨୦୨୬



ବିଦ୍ୟୁତ୍ ଆଘାତରେ ମା' ହାତୀ ସହ ୬ ମାସର ଛୁଆ ହାତୀର ମୃତ୍ୟୁ, ଜଣେ ଅଟକ



ଢେଙ୍କାନାଳ: ଚାଷ ଜମିରେ ବିଛାଯାଇଥିବା ବେଆଇନ ବିଦ୍ୟୁତ୍ ତାର ଦୁଇଟି ହାତୀଙ୍କ ଜୀବନ ନେଇଛି। ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ କେ.ନଗର ପଶ୍ଚିମ ରେଞ୍ଜର ଅନଳାବେରେଣୀ ସେକ୍ସନ ଅଧୀନ କଦଳୀପାଳ ବିଟ୍‌ର ଗୋଡ଼ାରିବିଲି ଗ୍ରାମ ନିକଟ ଏକ ଚାଷ ଜମିରୁ ଏକ ମାଇ ହାତୀ ଓ ତାର ଛଅ ମାସର ଛୁଆ ହାତୀର ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ, ମୃତ ମାଇ ହାତୀର ବୟସ ପ୍ରାୟ ୧୫ରୁ ୨୦ ବର୍ଷ ହୋଇଥିବା ବେଳେ ଛୁଆ ହାତୀର ବୟସ ପ୍ରାୟ ୬ ମାସ ବୋଲି ଜଣାପଡ଼ିଛି। ନଭେମ୍ବର ୧୪ ତାରିଖ ରାତିରେ ଏହି ଘଟଣା ଘଟିଥିବା ପ୍ରାଥମିକ ସୂଚନା ମିଳିଛି। ଘଟଣା ସମ୍ପର୍କରେ ଖବର ପାଇବା ପରେ ବନ ବିଭାଗ ପକ୍ଷରୁ ତୁରନ୍ତ ତଦନ୍ତ ଆରମ୍ଭ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଚାଷ ଜମିରେ ସୋଲାର ଫେନ୍ସିଂ ପାଇଁ ବେଆଇନ ଭାବେ ଲାଇଭ୍ ବିଦ୍ୟୁତ୍ ତାର ସଂଯୋଗ କରାଯାଇଥିବାରୁ ଉଭୟ ହାତୀଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଶବ ବ୍ୟବଚ୍ଛେଦ ଓ ପ୍ରାଣୀ ଚିକିତ୍ସକଙ୍କ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଘଟଣାସ୍ଥଳରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍), ଅନୁଗୁଳ ସର୍କଲ, ଢେଙ୍କାନାଳ ଡିଏଫ୍ଓ, ଯୁଗ୍ମ ଟାସ୍କ ଫୋର୍ସ (ଜେଟିଏଫ୍) ସଦସ୍ୟ, ପ୍ରାଣୀ ଚିକିତ୍ସକ ଦଳ, ବିଦ୍ୟୁତ୍ ନିରୀକ୍ଷକ ଏବଂ ଟାଟା ପାୱାରର ଅଧିକାରୀମାନେ ମିଳିତ ଭାବେ ତଦନ୍ତ ଓ ଯାଞ୍ଚ କରିଛନ୍ତି। ଘଟଣାର ବୈଷୟିକ ଦିଗ ଏବଂ ବିଦ୍ୟୁତ୍ ସଂଯୋଗର ପ୍ରକୃତ ସ୍ଥିତି ଯାଞ୍ଚ କରାଯାଇଛି। ଏହି ଘଟଣାରେ ପଚରାଉଚରା ପାଇଁ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଘଟଣାରେ ଯେଉଁମାନଙ୍କର ସମ୍ପୃକ୍ତି ରହିଛି, ସେମାନଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଫସଲ ସୁରକ୍ଷା ନାମରେ ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଇବା କେବଳ ବନ୍ୟଜନ୍ତୁଙ୍କ ପାଇଁ ନୁହେଁ, ମଣିଷଙ୍କ ଜୀବନ ପାଇଁ ମଧ୍ୟ ବିପଦଜନକ। ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନିଆଯିବ ବୋଲି ବନ ବିଭାଗ ସ୍ପଷ୍ଟ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ଧର୍ମ ପରାୟଣା ମହିଳା ମଞ୍ଜୁଲତା ପଧାନଙ୍କ ପରଲୋକ

ବଲାଙ୍ଗୀର: ଦେଓଗାଁ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ପଂଚାୟତର ତେଲିପାଲି ଗ୍ରାମର ଧର୍ମପରାୟଣା ମହିଳା ମଞ୍ଜୁଲତା ପଧାନଙ୍କ ୫୫ ବର୍ଷ ବୟସରେ ବୃକକୁ ନିତ ରୋଗରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତା ପଧାନ ଜଣେ ଧର୍ମପରାୟଣା, ସରଳ ଓ ମିଷ୍ଟଭାଷୀ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁ ସମୟରେ ତାଙ୍କ ଦୁଇ ପୁଅ ଅନିତ ଓ ସୁନିତ, ବଡ଼ ବୋହୂ ମିତା, ନାତୁଣୀ ସ୍ୱସ୍ତିକାଙ୍କ ସମେତ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ଶେଷକୃତ୍ୟ ତେଲିପାଲି ଗ୍ରାମର ଶ୍ମଶାନ ଘାଟରେ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅନିତ ମୁଖାଗ୍ନି ଦେଇଥିଲେ। ମଞ୍ଜୁଲତାଙ୍କ ବିୟୋଗରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ବିର୍ସାମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ପାଳନ ପାଇଁ ବିଜେପିର ପ୍ରସ୍ତୁତି

ମାଦ୍ରିକାଲ ଭବନରେ ହେବ ଜିଲ୍ଲାସ୍ତରୀୟ ସମାରୋହ



ସୁନ୍ଦରଗଡ଼, ୧୪/୧୧(ରିପୋର୍ଟ: ପ୍ରଫୁଲ୍ଲ ରୋହିଦାସ): ଆସନ୍ତା ନଭେମ୍ବର ୧୫ ତାରିଖରେ ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମଜୟନ୍ତୀ ଅବସରରେ ସାରା ଦେଶରେ ଜନଜାତୀୟ ଗୌରବ ଦିବସ ପାଳନ କରାଯିବ। ଏହି ଦିବସକୁ ସୁନ୍ଦରଗଡ଼ ଜିଲ୍ଲାରେ ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ବିଜେପି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଶନିବାର ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସୁନ୍ଦରଗଡ଼ ସ୍ଥିତ ମାଦ୍ରିକାଲ ଭବନରେ ଜିଲ୍ଲାସ୍ତରୀୟ ସମାରୋହ ଆୟୋଜନ କରାଯିବା ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଆଦିବାସୀ ଭାଇଭଉଣୀ ଏଥିରେ ସାମିଲ ହେବେ। ପାରମ୍ପରିକ ବେଶଭୂଷା ଓ ଆଦିବାସୀଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯିବା ନେଇ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେ, ଆଦିବାସୀ ଉପଦେଷ୍ଟା କମିଟିର ସଦସ୍ୟ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ ଏବଂ ବିଜେପି ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଜନଜାତୀୟ ଗୌରବ ଦିବସ ମାଧ୍ୟମରେ ଭଗବାନ ବିର୍ସାମୁଣ୍ଡାଙ୍କ ତ୍ୟାଗ, ସଂଘର୍ଷ ଓ ଆଦିବାସୀ ସମାଜର ଗୌରବମୟ ଐତିହ୍ୟକୁ ସ୍ମରଣ କରାଯିବ ବୋଲି ସମ୍ମିଳନୀରେ କୁହାଯାଇଥିଲା।

ବାଲେଶ୍ୱରର ସହରର ଉପକଣ୍ଠ ସିନ୍ଦୁରି ସ୍ଥିତ ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳନ



ବାଲେଶ୍ୱର: ଏହି ଅବସରରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବରେ ଶିକ୍ଷାବିତ୍ ଡଃ ବିଜୟ ଦେ ଅଂଶଗ୍ରହଣ କରିଥିଲେ। ସେ ଶିକ୍ଷାର ମୂଲ୍ୟାୟନ ବିଷୟରେ ଦିଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ପିଲା ମାନଙ୍କ ଭବିଷ୍ୟତ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷା ସରୋଜିନୀ ମିଶ୍ର କାର୍ଯ୍ୟକ୍ରମର ପୋରହିତ୍ୟ କରିଥିଲେ। ବିଚାରପତି ଅଭୟ ସାହୁ ଓ ରବି ସାରେଙ୍କ ଦ୍ୱାରା ଚୟନ କରାଯାଇଥିବା ୫୦ରୁ ଉର୍ଦ୍ଧ୍ୱ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଉପାଧକ୍ଷ ସନ୍ତୋଷ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ସହ ସମ୍ପାଦକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ରଜତ ଦାଶ ଅଧିକାରୀ, ମାନସ କୁମାର ମହୁରୀ, ସୁବଳକୁମାର ଦାସ, କ୍ଷିତିଶ କୁମାର ଷଡ଼ଙ୍ଗୀ, ଦିବ୍ୟଦର୍ଶନ ବିଶ୍ୱାଳ, ଦେବସ୍ମିତା ବେହେରା, ଗୁଲେଶମା ସାଇନ୍, ଜୟନ୍ତୀ ଦାଶ,ନାହିଦ୍ ସୁଲତାନ୍, ମୋନାଲିସା ପଣ୍ଡା, ଅମିତା ଶାହା, ପ୍ରଣିତା ଅଗସ୍ତି, ଅଭିମନ୍ୟୁ ପ୍ରଧାନ, ପ୍ରିୟଙ୍କା ବେହେରା, ପାୟଲ ମିଶ୍ର, ଆଫ୍ରିନ୍ କାଦ୍ରୀ, ସସ୍ମିତା ଆଚାର୍ଯ୍ୟ, ଭାଗ୍ୟ ଲକ୍ଷ୍ମୀ ବେହେରା ଆଦି ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଜ୍ୟୋତିର୍ମୟୀ ଶତପଥୀଙ୍କ ରିପୋର୍ଟ ନିଉ ନିଉଜ ଓଡ଼ିଶା

କେସିଙ୍গା ଗ୍ରୀଡ ସବ୍-ଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

ବଲାଙ୍ଗିର: ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ୧୩୨/୩୩ କେ.ଭି. କେସିଙ୍গା ଗ୍ରୀଡ୍ ସବଷ୍ଟେସନ ବନ୍ଦ ରହିବ । ଏହା ଦ୍ୱାରା ଉକ୍ତ ଗ୍ରୀଡ ସବଷ୍ଟେସନରୁ ସଂଯୋଗ ହୋଇଥିବା ଟିପିଡବ୍ଲୁଓଡିଏଲର ୧୬ଟି ପିଏସ୍ଏସ୍ (ପାୱାର ସବଷ୍ଟେସନ୍) ପ୍ରଭାବିତ ହେବ । ଏହା ଫଳରେ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ କେସିଙ୍গା, ନୁନମଠ, କର୍ଲାମୁଣ୍ଡା, ଯୁରାଡୁବ୍ରା, ରୁପ୍ରାରୋଡ, ନର୍ଲା, ବନ୍ଧପରି, ଲାଞ୍ଜିଗଡ଼, ବଳିପଦା, ମ. ରାମପୁର, ମୋହନଗିରି, ମଦନପୁର, ଉକ୍‌ଲେ ଏବଂ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼, ଖୋଲନ ଓ ପିପଲପଦର ପାୱାର ସବଷ୍ଟେସନ୍ ଅଞ୍ଚଳ ଏବଂ ଏହାର ଆଖାପାଖ ଅଞ୍ଚଳ ଗୁଡ଼ିକରେ ଆସନ୍ତା ୧୬ ତାରିଖ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ବୈଷୟିକ ଦୃଷ୍ଟିରୁ ଯେଉଁଠାରେ ସମ୍ଭବ, ଗ୍ରାହକମାନଙ୍କ ଅସୁବିଧାକୁ ସର୍ବନିମ୍ନ କରିବା ଉଦ୍ଦେଶ୍ୟରେ ବିକଳ୍ପ ଫିଡର୍ ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ସମସ୍ତ ପ୍ରକାରର ପ୍ରୟାସ କରିବ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଅଛନ୍ତି। ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ : ଟିପି ଓ୍ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ । ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଟୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି । କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ ।

ଟୋଲ୍ ଫାଙ୍କିବାକୁ ଭଷ୍ମା ରାସ୍ତାରେ ଭାରୀଯାନଙ୍କ ଭିଡ଼! ଗ୍ରାମାଞ୍ଚଳ ରାସ୍ତାରେ ବଢୁଛି ଦୁର୍ଘଟଣା ଆଶଙ୍କା, ନିରବଦ୍ରଷ୍ଟା ସାଜିଛି ପ୍ରଶାସନ!

ସୁନ୍ଦରଗଡ଼: ଟୋଲ୍ ଟିକସ ଦେବାରୁ ବର୍ତ୍ତିବା ପାଇଁ କୋଇଲା ପରିବହନ କରୁଥିବା ଟ୍ରେଲର ସମେତ ଅନ୍ୟାନ୍ୟ ଭାରୀଯାନ ଏବେ କୋଲ୍ କରିଡର ରାସ୍ତା ପରିବର୍ତ୍ତେ ଭଷ୍ମା ରାସ୍ତାକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାର ଭଷ୍ମା ଦେଇ ଛୋଟ ବଙ୍ଗା, ବଡ଼ ବଙ୍ଗା ଓ ଜିଙ୍କନଗର ଦେଇ ଏହି ଗାଡ଼ିଗୁଡ଼ିକ ପୁଣି କୋଲ୍ କରିଡର ରାସ୍ତାରେ ମିଶୁଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଝାରସୁଗୁଡ଼ା ଅଭିମୁଖେ ଯାଉଥିବା କୋଇଲା ବୋଝେଇ ଟ୍ରେଲର, ଆଶ୍ ଗାଡ଼ି ଓ ଅନ୍ୟାନ୍ୟ ବଡ଼ ଯାନ ଟୋଲ୍ ଦେୟରୁ ବଞ୍ଚିବା ଉଦ୍ଦେଶ୍ୟରେ ଏହି ବିକଳ୍ପ ରାସ୍ତାକୁ ବ୍ୟବହାର କରୁଛନ୍ତି। ଫଳରେ ଗ୍ରାମା ଳର ଛୋଟ ରାସ୍ତା ଉପରେ ଅତ୍ୟଧିକ ଚାପ ପଡୁଥିବା ସହ ରାସ୍ତା ନଷ୍ଟ ହେବାର ଆଶଙ୍କା ବଢୁଛି। ଅନ୍ୟପକ୍ଷରେ, ଏହି ରାସ୍ତା ଦେଇ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଦୈନନ୍ଦିନ ଯାତାୟାତ କରୁଥିବା ଲୋକେ ଯିବାଆସିବା କରୁଥିବାରୁ ଭାରୀଯାନ ଚଳାଚଳ ଯୋଗୁଁ ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏତେ ସଂଖ୍ୟାରେ ଭାରୀଯାନ ଗ୍ରାମା ଳ ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ପୋଲିସ ଓ ପରିବହନ ବିଭାଗର ନଜର କାହିଁକି ପଡୁନାହିଁ? ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ରହିଛି କି ବୋଲି ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। କୌଣସି ଅଘଟଣ ଘଟିବା ପରେ ହିଁ କ'ଣ ପ୍ରଶାସନର ଚେତା ପଶିବ? ଟୋଲ୍ ଫାଙ୍କିବା ଅଭିଯୋଗର ତଦନ୍ତ କରିବା ସହ ଏହି ରାସ୍ତାରେ ଅନିୟନ୍ତ୍ରିତ ଭାରୀଯାନ ଚଳାଚଳ ଉପରେ ରୋକ୍ ଲଗାଇବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ କେବେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉଛି।

ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ଶିଶୁ ଦିବସ-୨୦୨୬ ପାଳିତ



ଢେଙ୍କାନାଳ: ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ, ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶିଶୁ ଦିବସ-୨୦୨୬ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଯାଇଛି। ଏହି ଅବସରରେ ବିଜ୍ଞାନ କିଟ୍ ନିର୍ମାଣ କର୍ମଶାଳା, ବିଜ୍ଞାନ ଗ୍ୟାଲେରୀଗୁଡ଼ିକର ମାର୍ଗଦର୍ଶିତ ପରିଦର୍ଶନ, ପୁରସ୍କାର ବିତରଣ ସମାରୋହ ଏବଂ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ମହାକାଶ ପର୍ଯ୍ୟବେକ୍ଷଣ ଭଳି ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଜିଲ୍ଲା ବିଜ୍ଞାନ ଅଧିକାରୀ ଶ୍ରୀ ଏମ୍.ଏମ୍. ରାଉତ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିବା ସହ ନିକଟରେ ଆୟୋଜିତ ସତର୍କତା ସଚେତନତା ସପ୍ତାହ–୨୦୨୬ ଏବଂ ଶାନ୍ତି ଓ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ–୨୦୨୬ ଅବସରରେ କେନ୍ଦ୍ର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରିଥିଲେ। ନିଜ ଅଭିଭାଷଣରେ ସେ ଶିଶୁମାନଙ୍କ ମଧ୍ୟରେ ବିଜ୍ଞାନମନସ୍କତା, ସୃଜନଶୀଳତା ଓ ଅନୁସନ୍ଧିତ୍ସୁ ମନୋଭାବର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଶିଶୁମାନଙ୍କୁ ଜିଜ୍ଞାସୁ ମନୋଭାବ ରଖିବା ସହ ବିଜ୍ଞାନକୁ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନରଖି ପ୍ରତ୍ୟକ୍ଷ ଅନୁଭୂତି ଓ ପରୀକ୍ଷଣ ମାଧ୍ୟମରେ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସେ ଶିଶୁମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା ଓ ନୂତନ ଉଦ୍ଭାବନ ପ୍ରତି ଆଗ୍ରହ ବିକଶିତ କରିବାରେ ବିଜ୍ଞାନ କେନ୍ଦ୍ରର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା, ନୂତନ ଜ୍ଞାନ ଆହରଣ ସହିତ ହାତକଳା ଓ ପ୍ରୟୋଗ ମାଧ୍ୟମରେ ଶିଖିବାର ସୁଯୋଗ ପ୍ରଦାନ କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମର ସଂଯୋଜନା ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଶିକ୍ଷା ସହାୟକ ଶ୍ରୀ ଶଙ୍କର ଗୁରୁଜ କରିଥିବା ବେଳେ ଶେଷରେ ସେ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ କୋଟିଏ ହସ-୨୦୨୬ କାର୍ଯ୍ୟକ୍ରମ

ସମ୍ବଲପୁର : ଜିଲ୍ଲା ପ୍ରଶାସନ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ଆନୁକୂଲ୍ୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଧନକଉଡ଼ା ସ୍ଥିତ ରାଜୀବ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ 'କୋଟିଏ ହସ-୨୦୨୬' କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ ଯେ, ଆମ ଦେଶର ଭବିଷ୍ୟତ ଗଢ଼ିବାରେ କୁନି କୁନି ଶିଶୁମାନଙ୍କ ସଠିକ୍ ପୁଷ୍ଟି ଓ ସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ କେବଳ ମା'ମାନେ ନୁହେଁ, ବରଂ ବାପାମାନଙ୍କୁ ମଧ୍ୟ ସମାନ ଭାବେ ସଚେତନ ହୋଇ ଶିଶୁମାନଙ୍କ ଖୁସି ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସରୋଜା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ ଶିଶୁମାନଙ୍କର ସନ୍ତୁଳିତ ଆହାର, ଉତମ ସ୍ୱାସ୍ଥ୍ୟ ଏବଂ ପିତାମାତାଙ୍କ ସହ ନିବିଡ଼ ଆଳାପ ଆଲୋଚନା କିପରି ଶିଶୁର ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୁଏ, ସେ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ବେହେରା, ଜିଲ୍ଲା ସମାଜ ମଙ

କୋଶଳ ସମାଜ
ରବିବାର ୧୫ ନଭେମ୍ବର ୨୦୨୬



କାର୍ତ୍ତିକ ମାସରେ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ଆକାଶ ଦୀପ ଉଠା ନୀତି ପାଳିତ

ଢେଙ୍କାନାଳ: ପବିତ୍ର କାର୍ତ୍ତିକ ମାସ ଅବସରରେ ଢେଙ୍କାନାଳ କୈବଲ୍ୟ ବଜାରସ୍ଥିତ ପ୍ରସିଦ୍ଧ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ପାଳିତ ହେଉଛି ପାରମ୍ପରିକ ଆକାଶ ଦୀପ ଉଠା ନୀତି। ମହାକାର୍ତ୍ତିକ ବ୍ରତର ବିଭିନ୍ନ ନୀତିକାନ୍ତି ସହ ପ୍ରତ୍ୟେକ ସନ୍ଧ୍ୟାରେ ଆଳତି ପରେ ମନ୍ଦିର ଉପରକୁ ଆକାଶ ଦୀପ ଉଠାଯାଉଛି। ଏହି ପବିତ୍ର ନୀତି ଏକ ମାସ ଧରି ଚାଲୁ ରହିବା ସହ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏହାର ଉଦଯାପନ ହେବ। ଏହି ଅବସରରେ ପୂଜକ ମନସୁମନ୍ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, କହାଳିଆ ଟିକନ୍ ବେହେରା ଏବଂ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏହି



ନୀତି ସମ୍ପନ୍ନ ହେଉଛି। ସନ୍ଧ୍ୟା ସମୟରେ ଆକାଶ ଦୀପ ଦର୍ଶନ କରିବା ସହ ପ୍ରଭୁଙ୍କ ଆଶୀର୍ବାଦ ଲାଭ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଘଣ୍ଟ, ଘଣ୍ଟା ଓ ଭକ୍ତିମୟ ପରିବେଶ ମଧ୍ୟରେ ଏହି ପାରମ୍ପରିକ ନୀତି ମନ୍ଦିର ପରିସରକୁ ଆଧ୍ୟାତ୍ମିକ ଭାବଧାରାରେ ଭରିଦେଉଛି। କାର୍ତ୍ତିକ ମାସର ଏହି ପବିତ୍ର ପରମ୍ପରା ଭକ୍ତି, ଆସ୍ଥା ଓ ଧାର୍ମିକ ଚେତନାର ଏକ ସୁନ୍ଦର ପ୍ରତୀକ ହୋଇ ରହିଛି।

ଉଲୁଣ୍ଡାରେ ବନବିଭାଗର କୁମ୍ଭକର୍ଣ୍ଣ ନିଦ୍ରା: ବାରହା ପଲ ଉଜାଡ଼ିଦେଲେ ଅସହାୟ ଚାଷୀର ସୁନାର ଫସଲ

ସୋନପୁର, ୧୪/୧୧ (ସରୋଜ ପ୍ରକାଶ ପଧାନ) ମାଟି ସହ ମାଟି ହୋଇ, ଝାଳ ବୁହାଇ ଚାଷୀ ଯେତେବେଳେ ଅମଳର ସ୍ୱପ୍ନ ଦେଖେ, ସେତେବେଳେ ବନ୍ୟଜନ୍ତୁଙ୍କ ଉପଦ୍ରବ ତା'ର ସବୁ ଆଶାକୁ ମାଟିରେ ମିଶାଇ ଦେଉଛି। ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦର ପଞ୍ଚାୟତର ଜୟପୁର ଗ୍ରାମରେ। ଗାଁର ଜଣେ ଗରିବ ତଥା ଅସହାୟ ଚାଷୀ ମହାଦେବ ରଣାଙ୍କ ଅଧା ଏକର ଜମିର ପାଚିଲା ଧାନ ଫସଲକୁ ଜଙ୍ଗଲୀ ବାରହା ପଲ ଦଳିମକଚି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଅନ୍ୟପଟେ, ବାରମ୍ବାର ଅଭିଯୋଗ ସତ୍ତ୍ୱେ ଉଲୁଣ୍ଡା ବନବିଭାଗ ନିରବଦ୍ରଷ୍ଟା ସାଜିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ମହାଦେବ ରଣା ନିକଟରେ ନିଜ ଝିଅର ବାହାଘର କରିଥିଲେ। ଝିଅ ବାହାଘରରେ ତାଙ୍କର ବର୍ଷ ବର୍ଷର ସଞ୍ଚିତ ଅର୍ଥ ସରିଯାଇଥିବା ବେଳେ, ପରିବାର ପ୍ରତିପୋଷଣ ପାଇଁ ସେ ହାତଉଧାରି ଓ ଧାରକରଜ କରି ନିଜର ଅଧା ଏକର ଜମିରେ ଧାନ ଚାଷ କରିଥିଲେ। ପାଚିଲା ଧାନ କ୍ଷେତକୁ ଦେଖି ପରିବାରର ଦୁଃଖ ଦୂର ହେବାର ଆଶା ବାନ୍ଧିଥିଲେ ମହାଦେବ। ମାତ୍ର ଅମଳ ପୂର୍ବରୁ ଜଙ୍ଗଲୀ ବାରହା ପଲ କ୍ଷେତରେ ପଶି ସୁନାର ଫସଲକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀ ମହାଦେବ କୋହଭରା କଣ୍ଠରେ କହିଛନ୍ତି ଯେ, 'ଝିଅ ବାହାଘରରେ ସବୁ ସଞ୍ଚିତ ଟଙ୍କା ସରିଗଲା। କରଜ



କରି ଚାଷ କରିଥିଲି, ଭାବିଥିଲି ଧାନ ଅମଳ ହେଲେ କରଜ ସୁଝିବି ଆଉ ପରିବାର ଚଳାଇବି। ହେଲେ ବାରହା ସବୁକିଛି ଶେଷ କରିଦେଲେ। ଏବେ ପରିବାର କେମିତି ଚଳିବ, ସେ ଚିନ୍ତାରେ ମୁଣ୍ଡ କାମ କରୁନାହିଁ।' ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ମୁତାବକ, ଉଲୁଣ୍ଡା ଅଞ୍ଚଳରେ ଦୀର୍ଘ ଦିନ ହେବ ଜଙ୍ଗଲୀ ବାରହାଙ୍କ ଉପଦ୍ରବ ବଢ଼ିଚାଲିଛି। ଏନେଇ ଉଲୁଣ୍ଡା ବନବିଭାଗ ନିକଟରେ ବାରମ୍ବାର ଗୁହାରି କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କର୍ଣ୍ଣପାତ କରୁନାହାନ୍ତି। ଶୀତତାପ ନିୟନ୍ତ୍ରିତ କୋଠରୀ (ଏସି ରୁମ୍) ଭିତରେ ବସିଥିବା ବାବୁମାନଙ୍କୁ ଗରିବ ଚାଷୀର ଦୁଃଖ ଓ ଲୁହ ଦେଖାଯାଉନାହିଁ ବୋଲି ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ନା ବାରହା ଘଉଡ଼ାଇବା ପାଇଁ ବନବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉଛି, ନା କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି। ?ବନବିଭାଗର ଏଭଳି ଉଦାସୀନତା ଓ କୁମ୍ଭକର୍ଣ୍ଣ ନିଦ୍ରା ଯୋଗୁଁ ଆଜି ଜଣେ ଗରିବ ଚାଷୀ ସର୍ବସ୍ୱାନ୍ତ ହୋଇପଡ଼ିଛି। ଜିଲ୍ଲା ପ୍ରଶାସନ ଓ ବନବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କ୍ଷୟକ୍ଷତିର ଆକଳନ କରିବା ସହ ଅସହାୟ ଚାଷୀ ମହାଦେବ ରଣାଙ୍କୁ ଉଚିତ୍ ସରକାରୀ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି।

ଧାନ ବିଲରୁ ମିଳିଲା ସୁନ୍ଦର ମଣି ମହାପାତ୍ରଙ୍କ ମୃତଦେହ

ଅନ୍ୟତ୍ର ହତ୍ୟା କରି ମୃତଦେହ ଫିଙ୍ଗିଥିବା ସନ୍ଦେହ, ତଦନ୍ତ ଜାରି ରଖିଛି ସଦର ପୋଲିସ

ସୁନ୍ଦରଗଡ଼, ୧୪/୧୧(ରିପୋର୍ଟ: ପ୍ରଫୁଲ୍ଲ ରୋହିଦାସ): ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ରାଜପୁର ଅଞ୍ଚଳରେ ଧାନ ବିଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତକ ହେଉଛନ୍ତି ସୁନ୍ଦର ମଣି ମହାପାତ୍ର। ତାଙ୍କୁ ଅନ୍ୟ କୌଣସି ସ୍ଥାନରେ ହତ୍ୟା କରିବା ପରେ ମୃତଦେହକୁ ଧାନ ବିଲରେ ଫିଙ୍ଗି ଦିଆଯାଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି। ସୂଚନା ଅନୁସାରେ, କର୍ଲା ଘାଟିଏନ ରାସ୍ତାରେ ରକ୍ତ ଛିଟା ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଅନ୍ୟପଟେ ଧାନ



ବିଲରୁ ସୁନ୍ଦର ମଣିଙ୍କ ମୃତଦେହ ମିଳିବା ଘଟଣାକୁ ଅଧିକ ରହସ୍ୟମୟ କରିଛି। ମୃତକଙ୍କ ପତ୍ନୀଙ୍କର କର୍ଲା ଘାଟିଏନ ମନ୍ଦିର ନିକଟରେ ଏକ ପୂଜା ସାମଗ୍ରୀ ଦୋକାନ ରହିଥିବା ଜଣାପଡ଼ିଛି। ଖବର ପାଇ ସଦର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବିଭିନ୍ନ ସମ୍ଭାବ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି। ତେବେ ସୁନ୍ଦର ମଣିଙ୍କୁ କିଏ ଓ କେଉଁ କାରଣରୁ ହତ୍ୟା କରିଛି, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଘଟଣାର ପ୍ରକୃତ କାରଣ ଓ ଅଭିଯୁକ୍ତଙ୍କ ପରିଚୟ ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

କଦମପଡାଶିଶୁ ମନ୍ଦିରରେ "ଶିଶୁ ଦିବସ" ଓ "ଶିଶୁ ଶିବିର" ଅନୁଷ୍ଠିତ

ବଲାଙ୍ଗିର: ଆଜି ବଲାଙ୍ଗୀରସ୍ଥ କଦମପଡାର ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ଶିଶୁଦିବସ ଓ ଶିଶୁ ଶିବିର ଅନୁଷ୍ଠିତ ବିଦ୍ୟାଳୟର ସଭାପତି ଡଃ.ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମଦନ ମୋହନ ରଥ ଯୋଗ ଦେଇଥିଲେ । ସମବେତ ସଙ୍ଗୀତ ଛାତ୍ରୀମାନେ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । (ଅବଶିଷ୍ଟାଂଶ ପୃଷ୍ଠା-୪ରେ)

କିର୍ମିରାଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଝାରସୁଗୁଡ଼ା: ଆଜି କିର୍ମିରା ବ୍ଲକଠାରେ 'ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା - ୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ମତ୍ସ୍ୟଚାଷ ଓ ପଶୁପାଳନ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଏହି ଅବସରରେ ଉପସ୍ଥିତ ଚାଷୀମାନଙ୍କୁ ସମ୍ବୋଧିତ କରି ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦକ୍ଷ ନେତୃତ୍ୱରେ ରାଜ୍ୟ ସରକାର ମତ୍ସ୍ୟଚାଷୀ ଓ ପଶୁପାଳକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ । ବର୍ତ୍ତମାନ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ସାମୁଦ୍ରିକ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, କାମଧେନୁ ଯୋଜନା, ରାଷ୍ଟ୍ରୀୟ ଗୋକୁଳ ମିଶନ ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି । ଏହିସବୁ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ବ୍ୟାପକ ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଆମ ଅଞ୍ଚଳରେ ମତ୍ସ୍ୟଚାଷ ଓ ପ୍ରାଣୀପାଳନର ରହିଥିବା ଅପାର ସମ୍ଭାବନାକୁ ସଫଳତାରେ ପରିଣତ କରିବା ସହ ଚାଷୀ ଭାଇ ଓ ଭଉଣୀମାନେ ସରକାରୀ ଯୋଜନାର ଭରପୂର ସୁଯୋଗ ନେଇ ଆତ୍ମନିର୍ଭରଶୀଳ ହେବାକୁ ସେ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମ ଶେଷରେ ବ୍ଲକର ଅଗ୍ରଣୀ ତଥା ସଫଳ ମତ୍ସ୍ୟଚାଷୀ ଏବଂ ଗୋପାଳକମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଆର୍ଥିକ ପ୍ରୋତ୍ସାହନ ରାଶି ଓ ନୂତନ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରାଯାଇଥିଲା ।

ମାଇ ଭାରତ ଢେଙ୍କାନାଳ ପକ୍ଷରୁ ବ୍ଲକ୍ ଲେବୁଲ ମିଟିଂ ଅନୁଷ୍ଠିତ



ଢେଙ୍କାନାଳ: ଆଜି ମାଇ ଭାରତ ଢେଙ୍କାନାଳ ପକ୍ଷରୁ ଦେବେନ୍ଦ୍ର ଶତପଥୀ ସ୍ମାରକୀ ଉଚ୍ଚ ମହାବିଦ୍ୟାଳୟ ଠାରେ କ୍ଲଷ୍ଟର ଅଫ୍ ବ୍ଲକ୍ ଲେବୁଲ ମିଟିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ଭଲିବଲ୍, ଦୌଡ଼ି ଟଣା, ସଟଫୁଟ୍, ସାଇକେଲ ରେସିଁ, ମ୍ୟୁଜିକ୍ ଚେୟାର, ସ୍ଲୋ ସାଇକେଲ ରେସ ଆଦି ଖେଳ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କଲେଜର ପ୍ରିନ୍ସିପାଲ ଶ୍ରୀମତୀ ମୋନାଲି ରାଉତରାୟ ଓ ଅନ୍ୟ କଲେଜ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ସୁଚାରୁ ଭାବରେ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଅତିଥି ଭାବରେ କଲେଜ ପ୍ରିନ୍ସିପାଲ ଶ୍ରୀମତୀ ମୋନାଲି ରାଉତରାୟ, ସମାଜସେବୀ ସୁଭାପ୍ରସାଦ ପଣ୍ଡା, ସମାଜସେବୀ ରତି ରଞ୍ଜନ ବେହେରା, ଶ୍ରୀଧର ବେହେରା ସ୍ପୋର୍ଟସ ଇଞ୍ଜଚାର୍ଜ ଶ୍ରୀମତୀ ସସ୍ମିରେଖା ସିଂହ, ସୌମ୍ୟା ସୁଚରିତା ଶତପଥୀ ଅତିଥି ଥିଲେ। ମାଇ ଭାରତ ଢେଙ୍କାନାଳ ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମ କରିବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ କ୍ରୀଡ଼ା ପ୍ରତି ଉତ୍କଣ୍ଠା ବଢ଼ିବା ସହିତ କିଛି ଶାରୀରିକ ବ୍ୟାୟାମ ହେଉଥିବା କଥା ଅତିଥି ବୃନ୍ଦ କହିଛନ୍ତି।

ଶିଶୁଙ୍କ ଲୁକ୍କାୟିତ ପ୍ରତିଭାକୁ ମିଳିଲା ନୂଆ ପରିଚୟ

ଝାରସୁଗୁଡା : ଶିଶୁ ଦିବସ ଅବସରରେ ଶ୍ରୀପୁରା ଗ୍ରାମସ୍ଥିତ ବିଦ୍ୟାଳୟ ପରିସରରେ ମା' ଦୁର୍ଗତିନାଶିନୀ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଏକ ଆନନ୍ଦମୟ ଓ ଉତ୍ସାହପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପିଲାମାନେ ଅତ୍ୟନ୍ତ ଉତ୍ସାହ ଓ ଆଗ୍ରହର ସହ ପ୍ରତିଯୋଗିତା ଗୁଡ଼ିକରେ ଅଂଶଗ୍ରହଣ କରି ନିଜ ନିଜର ସୃଜନଶୀଳତା ଓ ପ୍ରତିଭାର ପରିଚୟ ଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଟ୍ରଷ୍ଟ ପକ୍ଷରୁ ଖାତା ଓ କଲମ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା ଓ ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

ଯୋଜନାରେ ସାମିଲ ହେବେ ନୂତନ ଯୋଗ୍ୟ ହିତାଧିକାରୀ

ସୁବର୍ଣ୍ଣପୁର, ୧୪/୧୧: ଗ୍ରାମାଞ୍ଚଳର ଗରିବ ଓ ଅସହାୟ ପରିବାରଙ୍କୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କାର ଗୃହ ନିର୍ମାଣ ସହାୟତା ପ୍ରଦାନ କରାଯାଉଛି ।ଆଜି ବଲାଙ୍ଗୀର ଜିଲ୍ଲାର ପଥରଚେପା ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ଲକ୍ଷ୍ୟ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଯୋଗଦେଇଥିଲେ। ଏହାର ସିଧାପ୍ରସାରଣ ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଟାଉନ ହଲ୍ ?ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଳା ଓ



ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ଶ୍ରୀ ସାନନ୍ଦ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଅନିରୁଦ୍ଧ ପଧାନ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶ୍ୱିନୀ ମେହେରଙ୍କ ସମେତ ନଳିନୀ ପଣ୍ଡା ଏବଂ ଅନ୍ୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗରିବ ଓ ଅବହେଳିତ ପରିବାରଙ୍କୁ ସରକାରୀ ଯୋଜନାର ସୁଫଳ ପହ ।ଇବା ଏବଂ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ପକ୍କା ଘର ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। କୌଣସି ଯୋଗ୍ୟ ପରିବାର ଯେପରି ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ସିଡିଓ ଶ୍ରୀ ଅଶ୍ୱିନୀ ମେହେର ଜିଲ୍ଲାରେ ଯୋଜନାର ଅଗ୍ରଗତି ସମୀକ୍ଷା ସହ ପୂର୍ବରୁ ନିର୍ମିତ ଗୃହଗୁଡ଼ିକର ସ୍ଥିତି ଏବଂ ନୂତନ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ଉପରେ ଆଲୋକପାତ କରିଥିଲେ। ସଠିକ୍ ସର୍ବେକ୍ଷଣ ଓ ପ୍ରଶାସନିକ ସମନ୍ୱୟ ମାଧ୍ୟମରେ ଯୋଗ୍ୟ ପରିବାରଙ୍କୁ ଯୋଜନାରେ ସାମିଲ କରିବା ସହ ଏହାର ସ୍ୱଚ୍ଛ ଓ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରେ ଜିଲ୍ଲାର ପ୍ରାୟ ୩୦୦ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କା ଏବଂ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା।

କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

ଗୋଟିଏ ମଞ୍ଚରେ ଏକାଠି ହେବେ ୩ ମହାଶକ୍ତି, ଗୁରୁବାର ଟ୍ରମ୍ପ, ପୁଟିନ୍ ଓ ଜିନ୍‌ପିଙ୍ଗ ମଧ୍ୟ ହେବ ତ୍ରିପାକ୍ଷିକ ବୈଠକ



ୱାଶିଂଟନ୍ ଡିସି :ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ଟ୍ରମ୍ପ ଆସନ୍ତା ସପ୍ତାହରେ ଚୀନ୍ରାଷ୍ଟ୍ରପତି ସି. ଜିନପିଙ୍ଗ ଏବଂ ରୁଷ୍ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହଐତିହାସିକ ତ୍ରିପାକ୍ଷିକ ବୈଠକରେସାମିଲ ହେବେ । ଶୁକ୍ରବାର ହ୍ୱାଇଟ୍ହାଉସ୍ ପକ୍ଷରୁ ଏ ସଂପର୍କରେ ସ୍ପଷ୍ଟକରାଯାଇଛି । ବୈଠକ ଚୀନ୍ର ଶେନଝେନରେ ଏସିଆ-ପ୍ରଶାନ୍ତ ଆର୍ଥିକ ସହଯୋଗ(ଏପିଇସି) ସମ୍ମିଳନୀ ସମୟରେ ଅନୁଷ୍ଠିତ ହେବ । ପରମାଣୁ ଅସ୍ତ୍ରର ସଂଖ୍ୟା କମ୍ କରିବା ବୈଠକର ସବୁଠୁ ଗୁରତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିବ । ଏହାଛଡ଼ା ଇରାନ ଯୁଦ୍ଧ ସଂପର୍କରେ ବି ସେଠାରେ ଚର୍ଚ୍ଚା ହୋଇପାରେ । ହ୍ୱାଇଟ୍ ହାଉସ୍ ମୁଖପାତ୍ର ଅଲିଭିଆ ୱେଲସଙ୍କ ଅନୁସାରେ, ଏପିଇସି ସମ୍ମିଳନୀ ଲାଗି ଟ୍ରମ୍ପ ବୁଧବାର ବିଳମ୍ବିତ ରାତିରେ ଚୀନ୍ରେ ପହଞ୍ଚିବେ । ଗୁରୁବାର ସେ ଜିନପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ସେହିଦିନ ସେ ଜିନପିଙ୍ଗ ଏବଂ ପୁଟିନଙ୍କ ସହ ତ୍ରିପାକ୍ଷିକ ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରିପୋର୍ଟ ଅନୁସାରେ, ଆମେରିକା ରୁଷ୍ ମଧ୍ୟରେ ପରମାଣୁ ଅସ୍ତ୍ର ସଂଖ୍ୟା ସୀମିତ କରିବା ଲାଗି ଥିବା ବୁଝାମଣା ଚଳିତବର୍ଷ ଫେବ୍ରୁଆରୀ ମାସରେ ଶେଷ ହୋଇସାରିଛି । ତେଣୁ ବିଳମ୍ବ ନ କରି ଏକ ନୂଆ ବୁଝାମଣା କରିବାକୁ ଉଭୟ ପକ୍ଷକୁ ଜାତିସଘ ଅନୁରୋଧ କରିଛି । ଅନ୍ୟପଟେ ଚୀନ୍ ଲଗାତର ନିଜର ପରମାଣୁ ଅସ୍ତ୍ର ସଂଖ୍ୟା ବଢ଼ାଇଚାଲିଛି । ଏପରିସ୍ଥଳେ ଟ୍ରମ୍ପ ପୁରୁଣା ବୁଝାମଣା ସ୍ଥାନରେ ତିନି ଦେଶ ମଧ୍ୟରେ ପରମାଣୁ ଅସ୍ତ୍ର କମ୍ କରିବା ନେଇ ନୂଆ ବୁଝାମଣା କରାଇବାକୁ ଚାହୁଁଛନ୍ତି । ତେଣୁ ସେ ବୈଠକରେ ଏହି ପ୍ରସଙ୍ଗକୁ ଉଠାଇବେ ବୋଲି ଜଣେ ବରିଷ୍ଠ ଆମେରିକୀୟ ଅଧିକାରୀ କହିଛନ୍ତି। ତାଙ୍କ ଅନୁସାରେ ଯଦିଓ ଏହି ବୈଠକରେ କୌଣସି ପ୍ରକାର ବୁଝାମଣା ହେବା ନେଇ ଆଶା ନାହିଁ ତେବେ ଆଲୋଚନା ଆରମ୍ଭ କରିବା ସେମାନଙ୍କର ଉଦ୍ଦେଶ୍ୟ । ଏହାଦ୍ୱାରା ଆଗକୁ ଯାଇ ପରମାଣୁ ଅସ୍ତ୍ର ଉପରେ ନିୟନ୍ତ୍ରଣର ରାସ୍ତା ବାହାରି ପାରିବ । ଅଧିକାରୀ ଜଣକ ଆହୁରି କହିଛନ୍ତି ଯେ, ଟ୍ରମ୍ପ ଏହି ବୈଠକରେ ଇରାନ ଯୁଦ୍ଧ ପ୍ରସଙ୍ଗ ଉଠାଇପାରନ୍ତି । କିନ୍ତୁ ରୁଷ୍-ୟୁକ୍ରେନ୍ ମଧ୍ୟରେ ଚାଲୁଥିବା ଯୁଦ୍ଧ ବୈଠକର ଏଜେଣ୍ଡାରେ ସାମିଲ ହେବ ନାହିଁ । ଜିନପିଙ୍ଗଙ୍କ ସହ ଏକ ପୃଥକ ବୈଠକରେ ସେ ବିରଳ ଖଣିଜ ଯୋଗାଣ ପ୍ରସଙ୍ଗ ଉଠାଇବେ । ଚୀନ୍ଠାରୁ ଦେଶକୁ ବିରଳ ଖଣିଜ ଏବଂ ସେଥିରୁ ପ୍ରସ୍ତୁତ ସାମଗ୍ରୀ ମିଳୁଥିଲେ ମଧ୍ୟ ଆବଶ୍ୟକତା ଅନୁସାରେ ଯୋଗାଣ ହୋଇପାରୁନାହିଁ । ତେଣୁ ବୈଠକରେ ଟ୍ରମ୍ପ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେବେ । ଅନ୍ୟପଟେ ଚୀନ୍ରେ ହେବାକୁ ଥିବା ବୈଠକ ଲାଗି ଟେସ୍ଲାର ସିଇଓ ଏଲନ ମସ୍କ ମଧ୍ୟ ଟ୍ରମ୍ପଙ୍କ ସହ ଚୀନ୍ ଗସ୍ତରେ ଯିବେ । ତେବେ ୩ ରାଷ୍ଟ୍ରମୁଖ୍ୟଙ୍କ ମିଳିତ ବୈଠକରେ ସେ ସାମିଲ ହେବେନାହିଁ । ବିଗତ ୮୦ ବର୍ଷ ମଧ୍ୟରେ ଏହା ପ୍ରଥମ ବୈଠକ ହେବ ଯେଉଁଠାରେ ବିଶ୍ୱର ଟପ୍-୩ ଦେଶର ନେତା ଏକାଠି ହେବେ । ଏହା ପୂର୍ବରୁ ୧୯୪୫ ମସିହା ଫେବ୍ରୁଆରୀରେ ଆମେରିକା, ସୋଭିଏତ୍ ସଂଘ(ରୁଷ୍) ଏବଂ ବ୍ରିଟେନ୍ ?ର ନେତା କ୍ରିମିଆର ୟାଲ୍ଟାରେ ପରସ୍ପରକୁ ସାକ୍ଷାତ କରିଥିଲେ । ଯୁଦ୍ଧଶେଷ ହେବା ପରେ ୟୁରୋପୀୟ ଦେଶର ବିଭାଜନ ଏବଂ ଶାସନ କିଭଳି ହେବ ବୈଠକରେ ଏହି ନେତାମାନେ ତାହା ସ୍ଥିର କରିଥିଲେ। ଗତ ଜାନୁଆରୀ ମାସରେ ସାମ୍ନାକୁ ଆସିଥିବା ରିପୋର୍ଟ ଅନୁସାରେ, ରୁଷ୍ ପାଖରେ ଏବେ ସର୍ବାଧିକ ୫,୪୨୦ଟି ପରମାଣୁ ଅସ୍ତ୍ର ରହିଛି। ଆମେରିକା ପାଖରେ ୫,୦୪୨, ଚୀନ୍ ପାଖରେ ୬୨୦, ଫ୍ରାନ୍ସ ପାଖରେ ୩୭୦, ବ୍ରିଟେନ୍ ନିକଟରେ ୨୨୫, ଭାରତ ପାଖରେ ୧୯୦, ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ଅସ୍ତ୍ର ରହିଛି ।

ଭିତର ପୃଷ୍ଠାର ଅବଶିଷ୍ଟାଂଶ...

କଦମପଡାଶିଶୁ ମନ୍ଦିରରେ "ଶିଶୁ ଦିବସ" ...

(ପୃଷ୍ଠା-୩ର ଅବଶିଷ୍ଟାଂଶ)ଆଜି ପ୍ରାତଃ କାଳରେ ବିଦ୍ୟାଳୟର ଘୋଷ ଦଳ ନଗର ପରିକ୍ରମା କରିଥିଲା । ଶିଶୁ ବକ୍ତା ରୂପେ ସାଇଶୃତି ବେହେରା, ସୁପ୍ରିୟାଂଶୁ ବେହେରା, ଅଭିଜିତ୍ ତ୍ରିପାଠୀ, ରାଜ ରାଜେଶ୍ୱରୀ ନାଏକ ପ୍ରମୁଖ ଜବାହାର ଲାଲ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସଂଯୋଜନା ଛାତ୍ରୀ ସ୍ୱିକୃତି କର୍ମୀ, ଅଂଶୁମାନ ପଣ୍ଡା, ଦେବପ୍ରକାଶ ସାହୁ, ପ୍ରତୀକ ପଧାନ, ପ୍ରଣୀତା ସାଏ ଓ ଆଦିତ୍ୟ ପାଢୀ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଲେ ଯେ, ଶିଶୁଙ୍କୁ ଗଠନ କରିବା ତଥା ରାଷ୍ଟ୍ର ହିତରେ ଲଗାଇବା ପାଇଁ ଉତ୍ସାହିତ କରିବା ଉଚିତ୍ । ସଭାପତି ମଧ୍ୟ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଗୁରୁମା ଭାରତୀ ସାହୁ ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ୍ ଦେଇଥିଲେ । ଏହିପରି ଗୁରୁମା ଶ୍ରଦ୍ଧାଞ୍ଜଳୀ ପାଣିଗ୍ରାହୀଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସମ୍ପୁର୍ଣ୍ଣ ହୋଇଥିଲା । ଏହାପରେ ୨୦୬ ଜଣ ଶିଶୁଙ୍କୁ ନେଇ ବାଲ୍ ଶିବିର ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଥିଲା । ବାଲ ଶିବିରରେ ଅବସର ପ୍ରାପ୍ତ ବରିଷ୍ଠ ହୋମିଓପାଥି ଚିକିତ୍ସକ ଅଶୋକ ସେଠି ଓ କନ୍ୟା ଶିବିରରେ ଆର୍ୟୁବେଦିକ ଡାକ୍ତର ମନୀଶା ସିଂ କୈଶୋର ବୟସ ଅବସରରେ ବିଭିନ୍ନ ଦିଗର ମାର୍ଗଦର୍ଶନ କରିଥିଲେ । ସାମୁହିକ ଚର୍ଚ୍ଚା କ୍ୟାରିୟର ଗାଇଡେନ୍ସ ଉପରେ ଜେ.ଏସ୍ .ଏମ୍. ମହା ବିଦ୍ୟାଳୟର ଅଧ୍ୟକ୍ଷ ମନସ୍ବିତା ମିଶ୍ର ଆଲୋଚନା କରିଥିଲେ । ଶେଷରେ ଛାତ୍ରୀ ଲୋପାମୁଦ୍ରା ସାହୁ ଓଡିଶୀ, ସଂପର୍ଣ୍ଣା ମିଶ୍ର ଓ ବିଷ୍ଣୁପ୍ରିୟା ସାହୁ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହିପରି ଭାବେ ଗୁରୁମା ରିକୁନ ଦାଶଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମଟି ସମ୍ପୁର୍ଣ୍ଣ ହୋଇଥିଲା ।

୮୦୭ ସରକାରୀ ବିଦ୍ୟାଳୟରେ ରୋବୋଟିକ୍ସ ଲ୍ୟାବ୍,...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ) ଜ୍ଞାନ ଦେବା ଭବିଷ୍ୟତର ଦକ୍ଷ ମାନବ ସମ୍ବଳ ଗଠନରେ ସହାୟକ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିପୁଣ ଆପ୍ର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ପ୍ରାଥମିକ ଶିକ୍ଷାର ମୂଳଦୁଆକୁ ଅଧିକ ମଜବୁତ କରିବା ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ତେବେ ଏହି ଯୋଜନାର ପ୍ରକୃତ ସଫଳତା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଦକ୍ଷ ଶିକ୍ଷକ, ଆବଶ୍ୟକ ଉପକରଣ, ନିୟମିତ ପ୍ରଶିକ୍ଷଣ ଓ ରକ୍ଷଣାବେକ୍ଷଣ ରହିବା ଜରୁରୀ। ଗ୍ରାମା ଳର ଛାତ୍ରଛାତ୍ରୀ ମଧ୍ୟ ସହରର ପିଲାଙ୍କ ଭଳି ସମାନ ସୁଯୋଗ ପାଇଲେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ନୂଆ ପରିବର୍ତ୍ତନ ଆସିପାରିବ।

ବିଧାନସଭା ସମ୍ମୁଖରେ ଧାରଣା ଦେବ ଓଡ଼ିଶା ପ୍ରାଥମିକ ଦମ୍ପତି ଶିକ୍ଷକ ସଂଘ

ଭୁବନେଶ୍ୱର, ଆଜି ଓଡ଼ିଶା ପ୍ରାଥମିକ ଦମ୍ପତି ଶିକ୍ଷକ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର କର୍ମକ ି। ମାନେ ଯୋଗଦେଇ ସରକାରଙ୍କ ଦୁଇ ପ୍ରକାର ନିତି ଉପରେ ଆଲୋକପାତ କରିଥିଲେ ଓ ବାରୟାର ସରକାରଙ୍କୁ ଅନୁରୋଧ କଲେ ମଧ୍ୟ ସରକାର ଆମ ପ୍ରତି ଚରମ ଅବହେଳା କରିଥିବାରୁ ସଂଘ୍ ତରଫରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ସଂଘର ଏକ ମାତ୍ର ଦାବି ହେଉଛି ଯେ ଉଭୟ ସ୍ୱାମୀ ଓ ସ୍ତ୍ରୀ ସମାନ କ୍ୟାଡ଼ର ଶିକ୍ଷକ ପଦବୀରେ ନିଯୁକ୍ତି ପାଇଥିଲେବି ସେମାନଙ୍କୁ ସ୍ୱାଉସ ଗ୍ରାଉଣ୍ଡ ରେ ଗୋଟିଏ ଜିଲ୍ଲାରେ ଅବସ୍ଥାପିତ କରାଯାଉନାହିଁ। କେବିକେ ଜିଲ୍ଲା ମାନଙ୍କରେ ସରକାର ସ୍ୱାଉସ ଗ୍ରାଉଣ୍ଡରେ ବଦଳି କରୁଥିବାବେଳେ ଅଣ କେବିକେ ଜିଲ୍ଲା ମାନଙ୍କରେ ସରକାର ଆଦୌ ବିଚାରକୁ ନେଉନଥିବାରୁ ସଂଘର କର୍ମକ ି। ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟ ଜିଲ୍ଲାରୁ କେବିକେ ଜିଲ୍ଲାକୁ ବଦଳି ସମ୍ଭବ ହେଇଯାଉଛି ହେଲେ କେବିକେ ଜିଲ୍ଲାରୁ ସ୍ୱାମୀ ବା ସ୍ତ୍ରୀଙ୍କୁ ଅଲଗା ଜିଲ୍ଲାରେ କାର୍ଯ୍ୟରତ ଥିବା ସ୍ୱାମୀ ବା ସ୍ତ୍ରୀ ପାଖକୁ ବଦଳି କରୁନାହାନ୍ତି।

ମୃତ୍ୟୁଦଣ୍ଡ ପରେ ବି ହସିନାଙ୍କ ଘରବାହୁଡ଼ା ଯୋଜନା, ଭାରତ ରଖିଲା ସୁରକ୍ଷା ଓ ନିରପେକ୍ଷ ବିଚାରର ସର୍ତ୍ତ



ନୂଆଦିଲ୍ଲୀ, ୧୪।୧୧: ଦୁଇ ବର୍ଷରୁ ଅଧିକ ସମୟ ପୂର୍ବେ ବାଂଲାଦେଶର ଢାକାଠାରେ ଏକ ଉତ୍ୟକ୍ତ ଜନତା ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବାସଭବନ ଉପରେ ଆକ୍ରମଣ କରିଥିଲେ । ଏହାପରେ ସେ ଏକ ବାଂଲାଦେଶୀ ସାମରିକ ବିମାନ ଯୋଗେ ଭାରତ ଆସିଥିଲେ । ବର୍ତ୍ତମାନ ହସିନା ଘୋଷଣା କରିଛନ୍ତି ଯେ, ସେ ଆସନ୍ତା ଡିସେମ୍ବର ମାସରେ ବାଂଲାଦେଶକୁ ଫେରିବାକୁ ଚାହୁଁଛନ୍ତି । ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାରତ ଏହି ଯୋଜନା ସହ ସହମତ ଥିଲେ ମଧ୍ୟ ସେ ଚାହୁଁଛି ଯେ ହସିନାଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ତାଙ୍କ ପାଇଁ ପୂର୍ଣ୍ଣ ସୁରକ୍ଷା ଗ୍ୟାରେଣ୍ଟି ରହୁ ଏବଂ ତାଙ୍କୁ ଏକ ନିରପେକ୍ଷ ଶୁଣାଣିର ସୁଯୋଗ ମିଳୁ । ରିପୋର୍ଟରେ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରାଳୟ ଏବଂ ସାମରିକ ସୂତ୍ରରୁ ଏହି ସୂଚନା ମିଳିଥିବା ଦର୍ଶାଯାଇଛି । ବାଂଲାଦେଶର ତାରିକ୍ ରହମାନଙ୍କ ନେତୃତ୍ୱାଧୀନ ସରକାର ଏହି ରିପୋର୍ଟକୁ ନା ସ୍ୱୀକାର କରିଛନ୍ତି ନା କୌଣସି ପ୍ରତିକ୍ରିୟା ଦେଇଛନ୍ତି । ଏହି କ୍ରମରେ ଗତ ନଭେମ୍ବର ୧୩ ତାରିଖରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଜବାବ ଦେଇ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ୍ ଏହି ରିପୋର୍ଟର ସତ୍ୟତା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି । ଅନ୍ୟପକ୍ଷରେ, ବାଂଲାଦେଶର ପ୍ରଧାନମନ୍ତ୍ରୀଙ୍କ ସହକାରୀ ପ୍ରେସ୍ ସଚିବ କେ.ଏମ୍. ନଜମୁଲ୍ ହକ୍ ଗତ ଶୁକ୍ରବାର ଏକ ଫେସ୍ବୁକ୍ ପୋଷ୍ଟରେ ଦାବି କରିଛନ୍ତି ଯେ, କୌଣସି ଦେଶ ହସିନାଙ୍କୁ ନିଜ ପାଖରେ ଆଶ୍ରୟ ଦେବାକୁ ଆଗ୍ରହୀ ନୁହଁନ୍ତି । ଫେସ୍ବୁକରେ ନଜମୁଲ୍ ଲେଖିଛନ୍ତି, 'ୟୁକେ, ସଂଯୁକ୍ତ ଆରବ ଏମିରେଟ୍ସ, ସାଉଦି ଆରବ, ଫିନଲ୍ୟାଣ୍ଡ, ଆମେରିକା, ବେଲାରୁସ୍, କତାର, ଏପରିକି ଆଫ୍ରିକାର ଗୋଟିଏ ବି ଦେଶ ଜଣେ ନରହନ୍ତାଙ୍କୁ ଆଶ୍ରୟ ଦେବାକୁ ପ୍ରସ୍ତୁତ ନୁହଁନ୍ତି ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ଶେଖ୍ ହସିନାଙ୍କ ପାଇଁ ଗୋଟିଏ ପରେ ଗୋଟିଏ ବାଟ ବନ୍ଦ ହୋଇଯାଉଛି । ନଜମୁଲ୍ କହିଛନ୍ତି ଯେ ହସିନା ଆୱାମୀ ଲିଗ୍ ?ର ଭୂମିକାଗତ କର୍ମକର୍ତ୍ତା ଏବଂ ସମର୍ଥକମାନଙ୍କ ବଳରେ ଶେଷ ବିକଳ୍ପ ଭାବେ ବାଂଲାଦେଶକୁ ଫେରିବାକୁ ଚାହୁଁଛନ୍ତି । ଗତ ନଭେମ୍ବର ୯ ତାରିଖରେ ହସିନା ଏକ ନୂତନ ପାସପୋର୍ଟ ଏବଂ ଯାତ୍ରା କାଗଜପତ୍ର ପାଇଁ ଆବେଦନ କରିଥିଲେ । ଦେଶାନ୍ତର ହେବା ପରେ ବାଂଲାଦେଶ ସରକାରଙ୍କ ସହିତ ଏହା ଥିଲା ତାଙ୍କର ପ୍ରଥମ ଆନୁଷ୍ଠାନିକ ଯୋଗାଯୋଗ । ତେବେ ଢାକା ପକ୍ଷରୁ କୌଣସି ସକରାତ୍ମକ ପ୍ରତିକ୍ରିୟା ମିଳିନାହିଁ । ବରଂ କିଛି ନେତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, ଭାରତ ହସିନାଙ୍କୁ ବାଂଲାଦେଶକୁ ପ୍ରତ୍ୟାର୍ପଣ କରିବା ଉଚିତ୍ । ଭାରତର ପୂର୍ବତନ କୂଟନୀତିଜ୍ଞା ବୀଣା ସିକ୍ରି କହିଛନ୍ତି ଯେ, ହସିନାଙ୍କ ପାସପୋର୍ଟ ଆବେଦନକୁ ନେଇ ବାଂଲାଦେଶ ସରକାରଙ୍କ ଆଭିମୁଖ୍ୟ 'ଅତ୍ୟନ୍ତ କଠୋର'। ସୂଚନାଯୋଗ୍ୟ ଯେ, ବାଂଲାଦେଶର ଏକ କୋର୍ଟ ହସିନାଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି ଏବଂ ଢାକା କ୍ରମାଗତ ଭାବେ ତାଙ୍କର ପ୍ରତ୍ୟାର୍ପଣ ଦାବି କରିଆସୁଛି । ତଥାପି ଭାରତ ଏ ପର୍ଯ୍ୟନ୍ତ ଏହି ଦାବିଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ, ଯେଉଁଥିପାଇଁ ହସିନା ଭାରତରେ ରହିବାର ସୁଯୋଗ ପାଇଛନ୍ତି । ଏହି ସମୟରେ, ହସିନା ଘୋଷଣା କରିଛନ୍ତି ଯେ ସେ ଡିସେମ୍ବରରେ ବାଂଲାଦେଶକୁ ଫେରିବାକୁ ଚାହୁଁଛନ୍ତି ।

ଅଳିଆ ଭାବି ଫିଙ୍ଗୁଥିବା ଶିଉଳି ହେବ ବରଦାନ, ବାୟୁ ପ୍ରଦୂଷଣ କମାଇବାକୁ ନୂଆ ଟେକ୍ନୋଲୋଜି



ନୂଆଦିଲ୍ଲୀ: ଘର ଓ ବଗିଚାରେ ଅନାବଶ୍ୟକ ଭାବେ ବଢୁଥିବା ଶିଉଳି ଏବେ ପରିବେଶ ପାଇଁ ବରଦାନ ସାଜିବାକୁ ଯାଉଛି । ଯେଉଁ ଶିଉଳିକୁ ଆମେ ସାଧାରଣତଃ ସଫା କରି ଫିଙ୍ଗି ଦେଉ, ତାହା ଏବେ ବାୟୁ ପ୍ରଦୂଷଣ ହ୍ରାସ କରିବା ସହ କୋଠାକୁ ଥଣ୍ଡା ରଖିବାରେ ସହାୟକ ହେବ । ଏଥିପାଇଁ ଜର୍ମାନୀ ଓ ନେଦରଲାଣ୍ଡ ଭଳି ଦେଶରେ ଆରମ୍ଭ ହୋଇଛି ନୂଆ ପ୍ରଯୁକ୍ତିବିଦ୍ୟାର ପରୀକ୍ଷଣ । ଜର୍ମାନୀର ଏକ ଷ୍ଟାର୍ଟଅପ୍ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ମ୍ୟାଟ୍ରେ ଶିଉଳି ଚାଷ କରୁଛି । ଏହି ମ୍ୟାଟ୍ ଭ୍ୟାକ୍ୟୁମ୍ କ୍ଲିନର ଭଳି ବାୟୁକୁ ଟାଣି ନେଇ ସେଥିରେ ଥିବା ପ୍ରଦୂଷକ କଣିକାଗୁଡ଼ିକୁ ଧରି ରଖିଥାଏ । ଏହା ସହିତ ବାଷ୍ପୀଭବନ ପ୍ରକ୍ରିୟାରେ ଆଖପାଖ ପରିବେଶକୁ ଥଣ୍ଡା ରଖିବାରେ ମଧ୍ୟ ସହାୟତା କରେ । ସେହିପରି ନେଦରଲାଣ୍ଡର ଏକ ଷ୍ଟାର୍ଟଅପ୍ କୋଠାର କାନ୍ଥରେ ଶିଉଳି ବଢ଼ିବା ପାଇଁ ସ୍ୱତନ୍ତ୍ର ପ୍ରକାରର କଂକ୍ରିଟ୍ ବିକଶିତ କରିଛି । ଏହାଦ୍ୱାରା କୋଠାର କାନ୍ଥରେ ଶିଉଳି ବୃଦ୍ଧି ପାଇବା ସହ ପରିବେଶକୁ ଥଣ୍ଡା ରଖିବାର ନୂଆ ସମ୍ଭାବନା ସୃଷ୍ଟି ହୋଇଛି । ତେବେ ଏହି ପ୍ରଯୁକ୍ତିର ସଫଳତା ପାଇଁ ଶିଉଳିକୁ ସବୁବେଳେ ଆର୍ଦ୍ର ବା ଓଦା ରଖିବା ଜରୁରୀ । ଏହା ଶୁଖିଗଲେ ଆଶାନୁରୂପ ଫଳ ମିଳି ନପାରେ । ତେଣୁ ଏହି ନୂଆ ଟେକ୍ନୋଲୋଜିକୁ ଅଧିକ ଉପଯୋଗୀ, ବ୍ୟବହାରିକ ଓ ବ୍ୟାପକ କରିବା ପାଇଁ ବିଭିନ୍ନ ଷ୍ଟାର୍ଟଅପ୍ ଏବେ ଗବେଷଣା ଜାରି ରଖିଛନ୍ତି । ପ୍ରକୃତିର ଏହି ସାଧାରଣ ଉପାଦାନ ଭବିଷ୍ୟତରେ ସହରୀ ପ୍ରଦୂଷଣ ଓ ବଢୁଥିବା ତାପମାତ୍ରା ମୁକାବିଲାରେ ଏକ ନୂଆ ଆଶା ସାଜିପାରେ ।

୧୫୫ ଟଙ୍କାରେ ୨ ବିଏଚ୍କେ ଫର୍ଣ୍ଣିସଡ୍ ଫ୍ଲାଟ୍! ନିଲାମୀରେ ଚମକିଲା ବ୍ୟକ୍ତିଙ୍କ ଭାଗ୍ୟ



ନୂଆଦିଲ୍ଲୀ, ୧୪/୧୧; ଆଜିକାଲିର ମହଙ୍ଗା ଯୁଗରେ ସାଧାରଣ ଲୋକଟିଏ ପାଇଁ ଘର ଖଣ୍ଡିଏ କରିବା ସ୍ୱପ୍ନ ପାଲଟିଛି । ସହରା ଳରେ ଘରଟିଏ କରିବାକୁ ହେଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ଏମିତି ଏକ ସମୟରେ ସମୟରେ ଜଣେ ବ୍ୟକ୍ତି ମାତ୍ର ୧୩.୩ ୟୁଆନ୍ ବା ୧୫୫ ଟଙ୍କାରେ ଏକ ସୁସଜ୍ଜିତ ୨ ବିଏଚକେ ଫ୍ଲାଟ୍ କିଣିଛନ୍ତି । ନିକଟରେ ଚୀନରେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି । ଯାହା ବିଶ୍ୱରେ ଚର୍ଚ୍ଚାରେ ବିଷୟ ପାଲଟିଛି । ଦିଲ୍ଲୀ-ନୋଏଡାରେ ୧୫୫ ଟଙ୍କାରେ ମୋମୋ ପ୍ଲେଟ୍ଟିଏ ବି ମିଳିବନି କିନ୍ତୁ ୧୫୫ ଟଙ୍କାରେ ୨ ବିଏଚ୍ ?କେ ଫର୍ଣ୍ଣିସଡ୍ ଫ୍ଲାଟ୍ କିଣି ଚର୍ଚ୍ଚାରେ ଜଣେ ବ୍ୟକ୍ତି । ଏହାକୁ କୁହନ୍ତି ଭାଗ୍ୟ ଚମକିବା । ଚୀନର ପ୍ରସିଦ୍ଧ ଅନଲାଇନ୍ ସପିଂ ପେଷ୍ଟିଭାଲ ଡବଲ୍ ୧୧ ଅବସରରେ ଆଲିବାବାର ଅନଲାଇନ୍ ପ୍ଲାଟଫର୍ମରେ ଏହି ନିଲାମ ଅନୁଷ୍ଠିତ ହୋଇଥିଲା । ସାଉତ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ରିପୋର୍ଟ ଅନୁସାରେ ଚୀନର ହେନାନ୍ ପ୍ରଦେଶରେ ଏହି ଆପାର୍ଟମେ ଅବସ୍ଥିତ । ଜଣେ ପ୍ରପର୍ଟି ଡେଭେଲପର ଦେଶର ସବୁଠାରୁ ବଡ଼ ପ୍ଲାଟଫର୍ମରେ ଫ୍ଲାଟର ଶାଗ ମାଛ ଦରରେ ନିଲାମୀ ଡାକିଥିଲେ । ଜଣେ ବ୍ୟକ୍ତି ମାତ୍ର ୧୩.୩ ୟୁଆନ ଅର୍ଥାତ ଭାରତୀୟ ମୂଲ୍ୟରେ ୧୫୫ ଟଙ୍କାରେ ବାଜି ମାରିନେଇଥିଲେ । ସବୁଠାରୁ ବଡ଼ କଥା ହେଉଛି ଏହି ଫ୍ଲାଟ୍ ?ରେ ଆସବାବାପତ୍ର ସୁସଜ୍ଜିତ ହୋଇ ରହିଛି । ନିଲାମରେ ଜିତିଥିବା ବ୍ୟକ୍ତି ଜଣକ କହିଛନ୍ତି, ସେ ଏହି ଆପାର୍ଟମେ ଜିତିବେ ବୋଲି ସେ ଆଶା କରିନଥିଲେ । ସେ ଏହାକୁ କେବେକେବେ ଶୀତକଳୀନ ଛୁଟି କାଟିବା ଲାଗି ବ୍ୟବହାର କରିବାକୁ ଚାହାଁନ୍ତି । ରିପୋର୍ଟ ଅନୁସାରେ ସେ ମାତ୍ର ୧୫୫ ଟଙ୍କାରେ ନିଲାମ ଜିତିଥିଲେ ବି, ତାଙ୍କୁ ପ୍ରାୟ ୨୦୦୦ ୟୁଆନ ପ୍ରାୟ ୨୮ ହଜାର ଟଙ୍କା ଚୁକ୍ତିନାମା ପ୍ରସ୍ତୁତି ଲାଗି ଦେବାକୁ ପଡିବ । ଏହି ଫ୍ଲାଟ୍ ଉତ୍ତର-ପୂର୍ବ ଚୀନ୍ରେ ଅବସ୍ଥିତ ହେଲଙ୍ଗଜିଆଙ୍ଗ ପ୍ରଦେଶରେ ଅବସ୍

ସମ୍ପାଦକୀୟ

କୋଶଳ ସମ୍ବାଦ
ରବିବାର ୧୫ ନଭେମ୍ବର ୨୦୨୬

ବିପର୍ଯ୍ୟୟ ଆସିବା ପୂର୍ବରୁ ପ୍ରସ୍ତୁତି ହିଁ ଜୀବନ ରକ୍ଷାର ସବୁଠାରୁ ବଡ଼ ଅସ୍ତ୍ର

ସରକାରୀ ଯୋଜନା, ପ୍ରଶାସନିକ ତତ୍ପରତା ସହ ଜନସଚେତନତା ହିଁ ବିପର୍ଯ୍ୟୟ ମୁକାବିଲାର ପ୍ରକୃତ ଶକ୍ତି



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉତ୍କଳପୁର ସୁନ୍ଦରଗଡ଼

ପ୍ରକୃତି ହେଉଛି ମଣିଷର ଜୀବନଧାରାର ମୂଳ ଆଧାର। ପ୍ରକୃତିର କୋଳରେ ମଣିଷ ଜନ୍ମ ନିଏ, ବଢ଼େ ଏବଂ ନିଜର ଜୀବନ ଅତିବାହିତ କରେ। କିନ୍ତୁ ଏହି ପ୍ରକୃତି କେତେବେଳେ ମଣିଷ ପାଇଁ ଆଶୀର୍ବାଦ ହୋଇଥାଏ ତ ଆଉ କେତେବେଳେ ଭୟଙ୍କର ବିପର୍ଯ୍ୟୟର କାରଣ ପାଲଟିଥାଏ। ବନ୍ୟା, ବାତ୍ୟା, ମରୁଡ଼ି, ଭୂସ୍ଖଳନ, ଅତିବୃଷ୍ଟି ଓ ଅନାବୃଷ୍ଟି ଭଳି ପ୍ରାକୃତିକ ବିପର୍ଯ୍ୟୟ ମାନବ ସମାଜର ଜୀବନ ଓ ଜୀବିକାକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ଗୋଟିଏ ବିପର୍ଯ୍ୟୟ ମାତ୍ର କିଛି ଘଣ୍ଟା ମଧ୍ୟରେ ବର୍ଷ ବର୍ଷର ପରିଶ୍ରମରେ ଗଢ଼ି ଉଠିଥିବା ଘର, ଫସଲ, ବ୍ୟବସାୟ ଓ ସମ୍ପତ୍ତିକୁ ନଷ୍ଟ କରିଦେଇପାରେ। ଏପରିକି ଅନେକ ପରିବାରର ଜୀବନରେ ଏହା ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଥାଏ। ଓଡ଼ିଶା ଏକ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ରାଜ୍ୟ। ଏଠାରେ ଦୀର୍ଘ ଉପକୂଳ, ବିସ୍ତୃତ ନଦୀନାଳ, ପାହାଡ଼, ଜଙ୍ଗଲ ଓ କୃଷିଭିତ୍ତିକ ଅଞ୍ଚଳ ରହିଛି। ରାଜ୍ୟର ଅର୍ଥନୀତିର ଏକ ବଡ଼ ଅଂଶ କୃଷି, ମତ୍ସ୍ୟଚାଷ ଓ ଗ୍ରାମୀଣ ଜୀବିକା ଉପରେ ନିର୍ଭରଶୀଳ। ଏହି କାରଣରୁ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଅନେକ ଅଞ୍ଚଳ ପାଇଁ ସବୁବେଳେ ଏକ ବଡ଼ ଆହ୍ୱାନ ହୋଇ ରହିଛି। ବିଶେଷ କରି ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟା ଉପକୂଳ ଜିଲ୍ଲାଗୁଡ଼ିକରେ ଭୟ ଓ ଆଶଙ୍କା ସୃଷ୍ଟି କରିଥାଏ। ଅନ୍ୟପକ୍ଷରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଓ ଋଷିକୁଲ୍ୟା ଭଳି ନଦୀଗୁଡ଼ିକରେ ବନ୍ୟା ଆସିଲେ ନଦୀକୂଳିଆ ଅଞ୍ଚଳର ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ତେବେ ପ୍ରଶ୍ନ ହେଉଛି, ପ୍ରତିବର୍ଷ ଏଭଳି ବିପର୍ଯ୍ୟୟର ଆଶଙ୍କା ରହିଥିବା ସତ୍ତ୍ୱେ ଆମେ କେତେ ପ୍ରସ୍ତୁତ ? ବିପର୍ଯ୍ୟୟ ଆସିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା, ରିଲିଫ୍ ବଣ୍ଟନ କରିବା ଓ କ୍ଷୟକ୍ଷତିର ଆକଳନ କରିବା ନିଶ୍ଚିତ ଭାବେ ଜରୁରୀ। କିନ୍ତୁ ତାହାଠାରୁ ଅଧିକ ଜରୁରୀ ହେଉଛି ବିପର୍ଯ୍ୟୟ ଘଟିବା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ନେବା। କାରଣ ବିପର୍ଯ୍ୟୟ ସମୟରେ ହୋଇଥିବା କ୍ଷତିକୁ ପରେ ସମ୍ପୂର୍ଣ୍ଣ ଭାବେ ଭରଣା କରିବା ସମ୍ଭବ ନୁହେଁ। ବିଶେଷ କରି ମଣିଷର ଜୀବନହାନି କୌଣସି ସହାୟତା କିମ୍ବା ଆର୍ଥିକ କ୍ଷତିପୂରଣ ଦ୍ୱାରା ପୂରଣ ହୋଇପାରିବ ନାହିଁ। ବିପର୍ଯ୍ୟୟ ପରିଚାଳନା କେବଳ ରାଜ୍ୟସ୍ତରୀୟ ବୈଠକ କିମ୍ବା ସରକାରୀ ଘୋଷଣା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ବିପଦପୂର୍ଣ୍ଣ ନଦୀବନ୍ଧ, ଦୁର୍ବଳ ପୋଲ, ଜଳ ନିଷ୍କାସନ ନାଳ ଓ ଜରାଜୀର୍ଣ୍ଣ ରାସ୍ତାଗୁଡ଼ିକୁ ଆଗୁଆ ଚିହ୍ନଟ କରି ମରାମତି କରିବା ଆବଶ୍ୟକ। ଏଥିରେ ଅବହେଳା ହେଲେ ସାମାନ୍ୟ ବର୍ଷା ମଧ୍ୟ ଗୁରୁତର ସମସ୍ୟାର କାରଣ ହୋଇପାରେ। ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ହେଉଛନ୍ତି ଚାଷୀ। ବର୍ଷସାରା ପରିଶ୍ରମ କରି ଚାଷୀ ନିଜ ଜମିରେ ଫସଲ ଉତ୍ପାଦନ କରେ। କିନ୍ତୁ ଅଦିନିଆ ବର୍ଷା, ବନ୍ୟା କିମ୍ବା ବାତ୍ୟା ଯୋଗୁଁ ତାହାର ସମସ୍ତ ପରିଶ୍ରମ ନଷ୍ଟ ହୋଇଯାଏ। ଫସଲ ନଷ୍ଟ ହେଲେ କେବଳ ଚାଷୀ ନୁହେଁ, ତାଙ୍କ ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଦୋହଲିଯାଏ। ଋଣ କରି ଚାଷ କରିଥିବା ଚାଷୀ ଆହୁରି ଅଧିକ ଆର୍ଥିକ ଚାପରେ ପଡ଼ିଥାଏ। ତେଣୁ ଚାଷୀଙ୍କୁ ପାଣିପାଗ ସମ୍ପର୍କିତ ସଠିକ୍ ସୂଚନା ଆଗୁଆ ଦେବା ଆବଶ୍ୟକ। କେଉଁ ସମୟରେ ଧାନ କାଟିବା, ଅମଳ ଫସଲକୁ କିପରି ସୁରକ୍ଷିତ ରଖିବା ଓ ଜଳବନ୍ଦୀ ପରିସ୍ଥିତିରୁ କିପରି ମୁକ୍ତି ପାଇବା, ସେ ସମ୍ପର୍କରେ କୃଷି ବିଭାଗ ପକ୍ଷରୁ ସଚେତନତା କରାଯିବା ଦରକାର। ଫସଲ ବୀମା ଓ କ୍ଷତିପୂରଣ ବ୍ୟବସ୍ଥାକୁ ମଧ୍ୟ ସହଜ ଓ ସ୍ୱଚ୍ଛ କରିବା ଆବଶ୍ୟକ। ସେହିପରି ସମୁଦ୍ର ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନଙ୍କ ଜୀବନ ମଧ୍ୟ ବିପଦପୂର୍ଣ୍ଣ। ସମୁଦ୍ର ଅଶାନ୍ତ ଥିବା ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନଯିବା ପାଇଁ ସ୍ପଷ୍ଟ ସୂଚନା ଦେବା ସହିତ ସେମାନଙ୍କ ଜୀବିକା ପ୍ରଭାବିତ ହେଲେ ଆବଶ୍ୟକ ସହାୟତା ଦେବା ଉଚିତ। ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟରେ ସମାଜର ଦୁର୍ବଳ ବର୍ଗ ସର୍ବାଧିକ ପ୍ରଭାବିତ ହୋଇଥାନ୍ତି। ଗର୍ଭବତୀ ମହିଳା, ଛୋଟ ଶିଶୁ, ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଦରକାର। ଆଶ୍ରୟସ୍ଥଳରେ ଶୁଦ୍ଧ ପାନୀୟ ଜଳ, ଖାଦ୍ୟ, ଶୌଚାଳୟ, ଆଲୋକ, ଔଷଧ ଓ ଶିଶୁ ଖାଦ୍ୟ ଉପଲବ୍ଧ କରାଇବା ଆବଶ୍ୟକ। ବିପର୍ଯ୍ୟୟ ପରେ ଅନେକ ଅଞ୍ଚଳରେ ଜଳ ଦୂଷିତ ହୋଇଥାଏ। ଏଥିରୁ ଝାଡ଼ାବାନ୍ତି, ଜ୍ୱର ଓ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଥାଏ। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ଔଷଧ ଓ ଚିକିତ୍ସା ଦଳ ପ୍ରସ୍ତୁତ ରଖିବା ଉଚିତ।

ଆଧୁନିକ ବିଜ୍ଞାନ ଓ ଶାସ୍ତ୍ରରେ ଆମ ବିଶ୍ୱ ବ୍ରହ୍ମାଣ୍ଡ



ଅମୂଲ୍ୟ କୁମାର ପଣ୍ଡା

ବୈଦିକ ବ୍ରହ୍ମାଣ୍ଡ ପ୍ରଣାଳୀରେ ସମୟର ହିସାବ ମଧ୍ୟ ବିଶାଳ ଏବଂ ବିସ୍ମୟକର ଅଟେ। ବୈଦିକ ଶାସ୍ତ୍ର କହେ, ଦେବତା ମାନଙ୍କର ଯଥା ଇନ୍ଦ୍ର, ବରୁଣ ଆଦିଙ୍କର ଗୋଟିଏ ଦିନ ପୃଥିବୀର ଗୋଟିଏ ବର୍ଷ ସହିତ ସମାନ । ୧୦୦୦ ମହାଯୁଗରେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ ଏବଂ ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି । ବ୍ରହ୍ମାଙ୍କର ଆୟୁ ୧୦୦ବର୍ଷ ଅଟେ, ଯାହା ପୃଥିବୀର ହିସାବରେ ୩୧୧ ଖର୍ବ ୪୦ ଅର୍ବ ବର୍ଷ । ବେଦର ଗଣନା ଅନୁସାରେ - କଳିଯୁଗ : ୪,୩୨, ୦୦୦ ବର୍ଷ, ଦ୍ୱାପର ଯୁଗ - ୮,୬୪, ୦୦୦ ବର୍ଷ, ତ୍ରେତାଯୁଗ - ୧୨,୯୬, ୦୦୦ ବର୍ଷ, ସତ୍ୟ ଯୁଗ - ୧୭, ୨୮, ୦୦୦ ବର୍ଷ। ଏକତ୍ର ଏକ ମହାଯୁଗ ହୁଏ ୪,୩୨୦, ୦୦୦ ବର୍ଷ ଅଟେ। ୧୦୦୦ ମହାଯୁଗ ବ୍ରହ୍ମାଙ୍କର ଗୋଟିଏ ଦିନ, ଯାହା ୪,୩୨,୦୦,୦୦୦,୦୦ ବର୍ଷ ଅଟେ। ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି । ବିଶ୍ୱ ବ୍ରହ୍ମାଣ୍ଡର ଅବଧି ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ସହିତ ସମାନ, ଯାହା ୩୧୧ ଖର୍ବ ୪୦ ଅର୍ବ ବର୍ଷ ଅଟେ । ବ୍ରହ୍ମା ମଧ୍ୟ ଜଣେ ଜୀବାତ୍ମା ଅଟନ୍ତି, ଯିଏ ଭଗବାନଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ କରି ଏହି ପଦ ପ୍ରାପ୍ତ କରିଛନ୍ତି । ତେଣୁ ବ୍ରହ୍ମା ମଧ୍ୟ ଜନ୍ମମୃତ୍ୟୁର ଚକ୍ରର ଅନ୍ତର୍ଭୁକ୍ତ । କିନ୍ତୁ ସେ ଅତ୍ୟନ୍ତ ଉଚ୍ଚ ଆତ୍ମା ହୋଇଥିବାବାରୁ, ତାଙ୍କ ଜୀବନକାଳ ସମାପ୍ତ ହେବା ପୂର୍ବରୁ ସେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କ ଲୋକ ପ୍ରାପ୍ତ କରନ୍ତି । ବେଳେବେଳେ ବ୍ରହ୍ମା ପଦ ପାଇଁ କୌଣସି ଅଧିକାରୀ ଆତ୍ମା ନ ମିଳିଲେ, ଭଗବାନ ସ୍ୱୟଂ ବ୍ରହ୍ମା ହୋଇଯାଆନ୍ତି।

ବ୍ରହ୍ମାଣ୍ଡର ବିସ୍ମୟକର ଜାଗତିକ ଖେଳରେ, ସେଥିରେ ଥିବା ବିଭିନ୍ନ ଲୋକ ଏବଂ ସେମାନଙ୍କର ସୌରମଣ୍ଡଳ ସୃଷ୍ଟି, ସ୍ଥିତି ଓ ପ୍ରଳୟ ଚକ୍ର ମଧ୍ୟ ଦେଇ ବାରମ୍ବାର ଗତି କରିଥାଆନ୍ତି । ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ଶେଷରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ବିଲୁପ୍ତି ଘଟିଥାଏ । ଏହି ସମୟରେ ସମସ୍ତ ମାୟିକ ଜଗତର ଅନ୍ତ ହୋଇଯାଏ । ପ୍ରକୃତି ମାୟିକ



(ମାୟା)ଶକ୍ତିର ସୂକ୍ଷ୍ମ ରୂପ ଅଟେ । ମାୟା ନିଜର ମୌଳିକ ରୂପରେ, ପରବ୍ରହ୍ମ ମହାବିଷ୍ଣୁଙ୍କ ଶରୀରରେ ଅବସ୍ଥାନ କରେ । ଏହାକୁ ପ୍ରାକୃତ ପ୍ରଳୟ ବା ମହାପ୍ରଳୟ କୁହାଯାଏ । ପୁଣି ମହାବିଷ୍ଣୁ ଯେତେବେଳେ ସୃଷ୍ଟି କରିବାକୁ ଇଚ୍ଛା କରନ୍ତି, ସେ ପ୍ରକୃତି ରୂପରେ ଥିବା ମାୟିକ ଶକ୍ତି ପ୍ରତି ଦୃଷ୍ଟିପାତ କରନ୍ତି ଏବଂ ତାଙ୍କର ଦୃଷ୍ଟି ମାତ୍ରେ ଏହା ପୁଣି ପ୍ରକାଶିତ ହେବାରେ ଲାଗେ ।

ବର୍ତ୍ତମାନର ଆଧୁନିକ ବୈଜ୍ଞାନିକ ମାନଙ୍କର ଆକଳନ ଅନୁସାରେ ଆକାଶଗଙ୍ଗାରେ ୧୦୦ ଅର୍ବ ତାରକା ଅଛନ୍ତି। ଆକାଶଗଙ୍ଗା ପରି ପ୍ରାୟ ୧୦୦ ଅର୍ବ ଛାୟାପଥ ସମଗ୍ର ବ୍ରହ୍ମାଣ୍ଡରେ ଅଛନ୍ତି। ବେଦ ଅନୁସାରେ ଆମର ଏହି ବ୍ରହ୍ମାଣ୍ଡ ପରି ବିଭିନ୍ନ ଆକାର ଓ ପ୍ରକାରର ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି। ମହାବିଷ୍ଣୁ ଯେତେବେଳେ ଶ୍ୱାସ ତ୍ୟାଗ କରନ୍ତି ଅସଂଖ୍ୟ ବ୍ରହ୍ମାଣ୍ଡ ତାଙ୍କର ଶରୀରର ପ୍ରତି ଲୋମ କୂପରୁ ନିର୍ଗତ ହୁଅନ୍ତି ଏବଂ ଯେତେବେଳେ ଶ୍ୱାସ ଗ୍ରହଣ କରନ୍ତି, ସମଗ୍ର ବ୍ରହ୍ମାଣ୍ଡ ପୁନର୍ବାର ତାଙ୍କ ମଧ୍ୟରେ ଲୀନ ହୋଇଯାଆନ୍ତି । ଏହିପରି ଭାବରେ ବ୍ରହ୍ମାଙ୍କର ୧୦୦ବର୍ଷ ଭଗବାନଙ୍କର ଗୋଟିଏ ନିଶ୍ୱାସ/ପ୍ରଶ୍ୱାସ ସହିତ ସମାନ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଜଣେ ବ୍ରହ୍ମା, ଜଣେ ବିଷ୍ଣୁ ଏବଂ ଜଣେ ଶଙ୍କର ଅଛନ୍ତି । ସୁତରାଂ ଅନନ୍ତ ବ୍ରହ୍ମାଣ୍ଡରେ ଅନନ୍ତ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ଅଛନ୍ତି । ପ୍ରତ୍ୟେକ ବ୍ରହ୍ମାଣ୍ଡର ବିଷ୍ଣୁ ମହାବିଷ୍ଣୁଙ୍କର ସ୍ୱରୂପ ଅଟନ୍ତି। ଏହା ଏକ ମହା ବିଷ୍ଣୁଙ୍କ ମାୟାର ଖେଳ ଅଟେ ଯେଉଁଥିରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ସମାହିତ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୭୦

କବିତା ବିଭାଗ

ଗାଁ କାକର

ପର୍ଶୁରାମ ଦାସ



ସହର ଏଯାଏଁ ଘୁମୁଛି,
ଆଉ ମୋ ଗାଁ ଜାଗିଉଠିଛି—
ଜୀବନର ସବୁଠାରୁ ସୁନ୍ଦର
ସକାଳର କବିତା ଲେଖିବାକୁ।
ଧାନ କେଣ୍ଡାରେ ବୁଢ଼ିଆଣୀ ଜାଲ,
ତାହାରେ ଝୁଲୁଛି ଭୋରର ମୁକ୍ତା;
ପ୍ରଥମ ଆଲୋକ ଛୁଇଁଲେ
ଚିକ୍କିକ୍ କରି ହସୁଛି ପ୍ରକୃତି।
କୁହୁଡ଼ିର ଧଳା ଓଢ଼ଣି ତଳେ
ହଜିଯାଇଛି ମାଟିରାସ୍ତା,
ତଥାପି ସାଇକେଲ ଚକରେ
ଚାଷୀ ଚାଲିଯାଉଛି କ୍ଷେତ ଆଡ଼େ—
ପିଠିରେ ଶ୍ରମ,
ଆଖିରେ ସୁନାଲି ଫସଲର ସ୍ୱପ୍ନ।
ଦିଗନ୍ତରେ ସୂର୍ଯ୍ୟ
ଆଖି ମଳି ଉଠୁଛି;
ତା'ର ପ୍ରଥମ କିରଣରେ
ସବୁଜ ଧାନକ୍ଷେତ
ସୁନାଲି ହସ ହସୁଛି।
ପୋଖରୀର ପଦ୍ମପତ୍ର ଉପରେ
ଜଳର ଛୋଟ ଛୋଟ ମୋତି,
ବରଗଛର ଡାଳରେ
କୋଇଲି ଗାଉଛି ଭୋରର ଗୀତ।
ଥଣ୍ଡା ପବନରେ
ଧାନକ୍ଷେତ ଦୋଳିଉଠି
ସବୁଜ ସାଗରର ଢେଉ ତୋଳୁଛି।
ଆଉ ମାଟିର ମହକରେ ମିଶିଛି
ଅଗଣାର ଉଷ୍ମତା,
ଚୁଲିର ଧୂଆଁ,
ଶ୍ରମର ଘାମ—
ଏ ସବୁ ମିଶି
ମୋ ଗାଁକୁ କରିଛି
ଏକ ନିର୍ମଳ ତପଭୂମି ଓ
ପ୍ରକୃତିର ଏହି ଭାଷା
ପଢ଼ିବାକୁ ଲୋଡାନାହିଁ ଡିଗ୍ରୀ
ଦରକାର କେବଳ
ଏକ ସମ୍ବେଦନଶୀଳ ହୃଦୟ
ଯେ ନିରବତାର ଭିତରେ
ଶୁଣିପାରେ ଜୀବନର ସଙ୍ଗୀତ।
ମୋ ଗାଁ କେବଳ ନୁହେଁ ଏକ ସ୍ଥାନ
ଏହା ପ୍ରକୃତି ସହ
ବଞ୍ଚିବାର ଏକ ନିର୍ମଳ ଦର୍ଶନ;
ଯେଉଁଠି ପ୍ରତି ନିଶ୍ୱାସରେ ଜୀବନ,
ପ୍ରତି ସବୁଜିମାରେ ଆଶା,
ଆଉ ପ୍ରତି ସରଳ ଭାବନାରେ
ଈଶ୍ୱରଙ୍କ ନିରବ ଉପସ୍ଥିତି।
ସେଇଥିପାଇଁ
ମୋ ଗାଁକୁ ଖୋଜିବାକୁ
ଦୂର ଦିଗନ୍ତକୁ ଚାହିଁବାକୁ ପଡ଼େନି
ଭୋରର ଏକ ଛୋଟ ଆଲୁଅରେ
ମାଟିର ଏକ ମହକରେ,
ଧାନକ୍ଷେତର ଏକ ଦୋଳନରେ
ଦିଶିଯାଏ
ମୋ ମାଟି, ମୋ ଶୈଶବ,
ମୋ ଗାଁ—
ମୋ ସମଗ୍ର ଜୀବନ।

+ନିଶି ନିବାସ, ସୁଆସୁଣୀ,
ବାଲେଶ୍ୱର -୭୫୬୦୩୬
ମୋ: ୯୩୪୮୬୯୭୪୦୪



ଔଷଧ ଦୋକାନରେ ଅଯୋଗ୍ୟଙ୍କ ରାଜୁତି, ରୋଗୀଙ୍କ ଜୀବନ ସହ ସାଂଘାତିକ ଖେଳ !



ସୌଭାଗ୍ୟ ରଞ୍ଜନ ମହାନ୍ତି

ଲାଇସେନ୍ସଧାରୀ ଗାଏବ, ଅନଭିଜ୍ଞଙ୍କ ହାତରେ ଔଷଧ ବିକ୍ରି; ସମଗ୍ର ଓଡ଼ିଶାରେ ଗୁପ୍ତ ଚଢ଼ଉ ଓ କଡ଼ା କାର୍ଯ୍ୟାନୁଷ୍ଠାନ ହେଉ..

ଔଷଧ ଦୋକାନ କେବଳ ଟଙ୍କା ଦେଇ ଔଷଧ କିଣିବାର ଏକ ବାଣିଜ୍ୟିକ ପ୍ରତିଷ୍ଠାନ ନୁହେଁ, ଏହା ମଣିଷର ଜୀବନ, ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ସିଧାସଳଖ ଜଡ଼ିତ ଏକ ଅତ୍ୟନ୍ତ ସମ୍ବେଦନଶୀଳ ସେବାକ୍ଷେତ୍ର। ଜଣେ ରୋଗୀ ଯେତେବେଳେ ରୋଗରେ ପୀଡ଼ିତ ହୋଇ ଔଷଧ ଦୋକାନରେ ପହଞ୍ଚେ, ସେତେବେଳେ ସେ କେବଳ ଔଷଧ କିଣିବାକୁ ଆସି ନଥାଏ, ବରଂ ନିଜ ଜୀବନକୁ ସୁସ୍ଥ କରିବାର ଆଶା ନେଇ ଆସିଥାଏ। କିନ୍ତୁ ଯଦି ସେହି ଦୋକାନରେ ଔଷଧ ବିକ୍ରି କରୁଥିବା ବ୍ୟକ୍ତି ଆବଶ୍ୟକ ଶିକ୍ଷା, ଯୋଗ୍ୟତା ଓ ଜ୍ଞାନ ରଖି ନଥାନ୍ତି, ଯଦି ଅନୁମତିପ୍ରାପ୍ତ ଯୋଗ୍ୟ ଔଷଧ ବିକ୍ରେତାଙ୍କ ଅନୁପସ୍ଥିତିରେ ସାଧାରଣ ବ୍ୟକ୍ତି ରୋଗୀଙ୍କୁ ଔଷଧ ଦେଉଥାନ୍ତି, ତେବେ ଏହାକୁ ସାଧାରଣ ଅବହେଳା କହି ଏଡ଼ାଇ ଦିଆଯାଇପାରିବ ନାହିଁ, ଏହା ଜନସ୍ୱାସ୍ଥ୍ୟ ପ୍ରତି ଏକ ସାଂଘାତିକ ବିପଦ। ନିକଟରେ ଜଗତସିଂହପୁର ଜିଲ୍ଲାପାଳଙ୍କ ଔଷଧ ଦୋକାନଗୁଡ଼ିକରେ ଯାଞ୍ଚ ସମୟରେ ଲାଇସେନ୍ସଧାରୀଙ୍କ ଅନୁପସ୍ଥିତି ଏବଂ ସାଧାରଣ ବ୍ୟକ୍ତିଙ୍କ ଦ୍ୱାରା ଔଷଧ ବିକ୍ରି ଭଳି ଅନିୟମିତତା ସାମ୍ନାକୁ ଆସିଥିବା ଖବର ସମଗ୍ର ରାଜ୍ୟର ଔଷଧ ବିକ୍ରୟ ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ଏହା କେବଳ ଜଗତସିଂହପୁର ଜିଲ୍ଲାର ସମସ୍ୟା ନୁହେଁ, ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଏପରି ଅବ୍ୟବସ୍ଥା ରହିଛି କି ନାହିଁ, ତାହାର ବ୍ୟାପକ ତଦନ୍ତ ହେବା ଆବଶ୍ୟକ। ରାଜ୍ୟବ୍ୟାପୀ ଅବ୍ୟବସ୍ଥାର ଆଶଙ୍କା: ଔଷଧ ବିକ୍ରି ପାଇଁ ଯେଉଁ ବ୍ୟକ୍ତିଙ୍କ ଯୋଗ୍ୟତା ଓ ଅନୁମତିକୁ ଆଧାର କରି ଦୋକାନ ଚାଲିବାର ଅନୁମତି ମିଳିଛି, ସେହି ବ୍ୟକ୍ତି ଉପସ୍ଥିତ ନରହିଲେ ଦୋକାନରେ ଔଷଧ ବିକ୍ରି କିପରି ଚାଲୁଛି ? ଲାଇସେନ୍ସ ଜଣଙ୍କ ନାମରେ, କିନ୍ତୁ ଔଷଧ ବିକ୍ରି ଅନ୍ୟ ଜଣଙ୍କ ହାତରେ ! ଏହା କେଉଁ ପ୍ରକାରର ବ୍ୟବସ୍ଥା ? କଟକ, ଭୁବନେଶ୍ୱର, ପୁରୀ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର, ମୟୂରଭଞ୍ଜଠାରୁ ଆରମ୍ଭ କରି ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଔଷଧ ଦୋକାନଗୁଡ଼ିକର ସ୍ଥିତି ଯାଞ୍ଚ କରାଯିବା ଦରକାର। ଯଦି ଗୋଟିଏ ଜିଲ୍ଲାରେ ଏପରି ଅନିୟମିତତା ଧରାପଡ଼ିପାରୁଛି, ତେବେ ଅନ୍ୟ ଜିଲ୍ଲାରେ ମଧ୍ୟ ଏପରି ଅବ୍ୟବସ୍ଥା ଥାଇପାରେ ବୋଲି ଆଶଙ୍କାକୁ ଅଣଦେଖା କରାଯାଇପାରିବ ନାହିଁ। ଲାଭ ପାଇଁ ଜୀବନ ସହ ଖେଳ ଚାଲିବ ନାହିଁ: ଔଷଧର ନାମ, ମାତ୍ରା, ବ୍ୟବହାର ପଦ୍ଧତି, ପାର୍ଶ୍ୱପ୍ରତିକ୍ରିୟା, ଅନ୍ୟ ଔଷଧ ସହ ତାହାର ପ୍ରତିକ୍ରିୟା ଏବଂ ରୋଗୀର ବୟସ ଓ ଅବସ୍ଥା ଅନୁସାରେ ଔଷଧ ବ୍ୟବହାରର ଗୁରୁତ୍ୱ ବୁଝିବା ପାଇଁ ବୃତ୍ତିଗତ ଜ୍ଞାନ ଆବଶ୍ୟକ। ଏହା କୌଣସି ଅନୁମାନ କିମ୍ବା ଅଭ୍ୟାସର ବିଷୟ ନୁହେଁ। ଏକ ଭୁଲ ଔଷଧ, ଭୁଲ ମାତ୍ରା କିମ୍ବା ଭୁଲ ପରାମର୍ଶ ରୋଗୀର ଅବସ୍ଥାକୁ ଗୁରୁତର କରିପାରେ। ବିଶେଷକରି ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା, ହୃଦ୍‌ରୋଗୀ ଓ ବୃକ୍କ ରୋଗୀଙ୍କ କ୍ଷେତ୍ରରେ ସାମାନ୍ୟ ଅବହେଳା ମଧ୍ୟ ଭୟଙ୍କର ପରିଣାମ ଆଣିପାରେ। ତେଣୁ ଔଷଧ ବ୍ୟବସାୟରେ ଲାଭ ହେବା ଅପରାଧ ନୁହେଁ, କିନ୍ତୁ ଲାଭ ପାଇଁ ମଣିଷର ଜୀବନକୁ ବିପଦରେ ପକାଇବା କେବେହେଲେ କ୍ଷମଣୀୟ ନୁହେଁ। ଗୁପ୍ତ ଯାଞ୍ଚ ହେଉ, ପୂର୍ବସୂଚନାରେ ନୁହେଁ: ଏହି ଅନିୟମିତତା ରୋକିବା ପାଇଁ କେବଳ ନିୟମିତ ଯାଞ୍ଚ ଯଥେଷ୍ଟ ନୁହେଁ, ସ୍ୱାସ୍ଥ୍ୟ ବିଭାଗ, ଔଷଧ ନିୟନ୍ତ୍ରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଅଚାନକ ଓ ଗୁପ୍ତ ଯାଞ୍ଚ ଅଭିଯାନ ଚାଲିବା ଆବଶ୍ୟକ। କେଉଁ ଦୋକାନରେ କିଏ ଔଷଧ ବିକ୍ରି କରୁଛନ୍ତି, ଅନୁମତିପ୍ରାପ୍ତ ଔଷଧ ବିକ୍ରେତା ଉପସ୍ଥିତ ଅଛନ୍ତି କି ନାହିଁ, ଔଷଧ ବିକ୍ରୟ ରେକର୍ଡ ଠିକ୍ ଅଛି କି ନାହିଁ, ନିୟନ୍ତ୍ରିତ ଔଷଧର ବିକ୍ରୟ ନିୟମ ଅନୁସାରେ ହେଉଛି କି ନାହିଁ, ଏସବୁର ଯାଞ୍ଚ ହେବା ଦରକାର। ପୂର୍ବରୁ ଯାଞ୍ଚର ତାରିଖ ଓ ସମୟ ଜଣାଇଦି ଆଗଲେ ଅନିୟମିତତା ଲୁଚାଇବାର ସୁଯୋଗ ମିଳିପାରେ। ତେଣୁ ଅପ୍ରତ୍ୟାଶିତ ଯାଞ୍ଚକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉ। ଦିନବେଳା ସହିତ ସନ୍ଧ୍ୟା ଓ ରାତି ସମୟରେ ମଧ୍ୟ ଯାଞ୍ଚ ହେଉ, କାରଣ ଅନେକ ଦୋକାନରେ କେଉଁ ସମୟରେ କିଏ ଔଷଧ



ଉତ୍କଳ ସମ୍ବାଦ

ପୃଷ୍ଠା-୬

ରବିବାର ୧୫ ନଭେମ୍ବର ୨୦୨୬

ବିକଶିତ ଭାରତର ସ୍ୱପ୍ନକୁ ଲେଖନୀରେ ରୂପ ଦେଇ ଜାତୀୟ ସ୍ୱୀକୃତି ପାଇଲେ ଦର୍ଶନ ଏକାଡେମୀ ଛାତ୍ର ସ୍ୱରିତ

ସର୍ବଭାରତୀୟ ସ୍ତରର ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଆଣିଲେ ଗୌରବ

୨୦୪୭ ମସିହାରେ ଭାରତ କିପରି ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ, ସେଥିପାଇଁ ନୂତନ ପିଢ଼ିର ଚିନ୍ତାଧାରା କ'ଣ ହେବା ଉଚିତ୍-ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଜର ସୃଜନଶୀଳ ଦୃଷ୍ଟିକୋଣ ପ୍ରକାଶ କରି ଜାତୀୟ ସ୍ତରରେ ସଫଳତା ଅର୍ଜନ କରିଛନ୍ତି ସୁନ୍ଦରଗଡ଼ ଦର୍ଶନ ଏକାଡେମୀର ଛାତ୍ର ସ୍ୱରିତ ଉପାଧ୍ୟାୟ। 'ଇଣ୍ଡିଆ ଆଜ୍ ଆଇ ସି-୨୦୨୬' ପ୍ରତିଯୋଗିତାରେ ସର୍ବଭାରତୀୟ ଦ୍ୱିତୀୟ ସ୍ଥାନ ହାସଲ କରି ସେ ନିଜ ବିଦ୍ୟାଳୟ ସହିତ ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଦେଶର ଅଗ୍ରଣୀ ଶିକ୍ଷାଭିତ୍ତିକ ସଂଗଠନ "ଫେୟାରଗେଜ୍" ଦ୍ୱାରା ଆୟୋଜିତ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମୌଳିକ ଚିନ୍ତନ, ସୃଜନଶୀଳତା ଓ ଦେଶର ଭବିଷ୍ୟତ ପ୍ରତି ସଚେତନତା ବୃଦ୍ଧିର ଏକ ମଞ୍ଚ ପାଲଟିଛି। ଚଳିତ ବର୍ଷର ବିଷୟବସ୍ତୁ 'ମାଇଁ ଆଇଡିଆ ଫର ବିକଶିତ ଭାରତ ୨୦୪୭' ଉପରେ ଦେଶର ବିଭିନ୍ନ ପ୍ରାନ୍ତର ଛାତ୍ରଛାତ୍ରୀ ନିଜ ନିଜ ଚିନ୍ତାଧାରା ଉପସ୍ଥାପନ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ୱରିତଙ୍କ ଉତ୍କୃଷ୍ଟ ପ୍ରବନ୍ଧ ତାଙ୍କୁ ଦ୍ୱିତୀୟ ସ୍ଥାନ ଆଣିଦେଇଛି। ପୁରସ୍କାର ସ୍ୱରୂପ ସ୍ୱରିତଙ୍କୁ ମାନପତ୍ର ଓ ଏକୋଇଶ ହଜାର ଟଙ୍କା ପୁରସ୍କାର ରାଶି ମିଳିଛି। ଲେଫ୍ରିପଡ଼ା ବ୍ଲକର ଝୁରିମାଳ ଗ୍ରାମର ବାସିନ୍ଦା ସ୍ୱରିତ ବର୍ତ୍ତମାନ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେ ଜଣେ ମେଧାବୀ ଛାତ୍ର ହେବା ସହିତ ବିଜ୍ଞାନ, ନବସୃଜନ, ସାଧାରଣ ଜ୍ଞାନ, ସୃଜନଶୀଳ ଲେଖନୀ ଓ ପରିବେଶ ସମ୍ପର୍କିତ ବିଷୟରେ ବିଶେଷ ରୁଚି ରଖନ୍ତି। ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ପୂର୍ବରୁ ମଧ୍ୟ ଅନେକ ପୁରସ୍କାର ଓ ସ୍ୱୀକୃତି ହାସଲ କରିଛନ୍ତି। ପୂର୍ବରୁ ପ୍ରଶ୍ନୋତ୍ତରୀ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସ୍ୱରିତ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା



ବେଳେ ୨୦୨୪ ମସିହାରେ ଗ୍ଲୋବାଲ୍ କିଡ୍ସ ଆଚିଭର ଆନ୍ତର୍ଜ୍ୟାତିକ ପୁରସ୍କାର ମଧ୍ୟ ହାସଲ କରିଥିଲେ। ବିଭିନ୍ନ ପ୍ରଶ୍ନୋତ୍ତରୀ, ବିଜ୍ଞାନ ପ୍ରଦର୍ଶନୀ, ବକ୍ତୃତା ପ୍ରତିଯୋଗିତାରେ ଅନେକ ଥର ବିଜୟୀ ହୋଇ ସେ ନିଜ ବିଦ୍ୟାଳୟ ଓ ଜିଲ୍ଲା ପାଇଁ ସୁନାମ ଅର୍ଜନ କରିଛନ୍ତି। ବିଜ୍ଞାନ, ନବସୃଜନ ଓ ପରିବେଶ ସୁରକ୍ଷା ଭଳି ବିଷୟ ପ୍ରତି ମଧ୍ୟ ତାଙ୍କର ବିଶେଷ ଆଗ୍ରହ ରହିଛି। ସ୍ୱରିତଙ୍କ ଏହି ସଫଳତା ପଛରେ ତାଙ୍କର ନିରନ୍ତର ପରିଶ୍ରମ, ଅଧ୍ୟବସାୟ, ପରିବାରର ପ୍ରେରଣା ଓ ବିଦ୍ୟାଳୟର ଶିକ୍ଷକମାନଙ୍କ ମାର୍ଗଦର୍ଶନ ରହିଛି। ସୁନ୍ଦରଗଡ ଜିଲ୍ଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଝୁରିମାଳ ଗ୍ରାମର ଏକ ଯୌଥ ପରିବାରରେ ଜନ୍ମଗ୍ରହଣ କରିଥିବା ସ୍ୱରିତ ହେଉଛନ୍ତି ଶ୍ରୀମତୀ ଯଶୋଦା ଉପାଧ୍ୟାୟ ଓ ସୁନାମଧାନ୍ୟ ସାହିତ୍ୟ ଶିକ୍ଷକ ସ୍ୱର୍ଗତଃ ଚୂଡାମଣି ଉପାଧ୍ୟାୟଙ୍କ କନିଷ୍ଠ ନାତି। ତାଙ୍କ ପିତା ଦିଗାମ୍ବର ଉପାଧ୍ୟାୟ ଜଣେ ସମାଜସେବୀ ଓ ପରିବେଶବିତ୍ ହୋଇଥିବା ବେଳେ ମାତା ଅନୁପମା ଉପାଧ୍ୟାୟ ଜଣେ ସୁଗୃହିଣୀ। ଏକ ଛୋଟ ଗ୍ରାମରୁ ଆସି ଜାତୀୟ ସ୍ତରରେ ନିଜ ପ୍ରତିଭାର ପରିଚୟ ଦେଇଥିବା ସ୍ୱରିତଙ୍କ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ। ବିଶେଷକରି ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବାରେ ଯୁବପିଢ଼ିଙ୍କ ଚିନ୍ତାଧାରା, ସୃଜନଶୀଳତା ଓ ସକ୍ରିୟ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ତାଙ୍କର ଏହି ସଫଳତା ପ୍ରତିଫଳିତ କରୁଛି। ତାଙ୍କର ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ବିଦ୍ୟାଳୟ, ଗ୍ରାମବାସୀ, ଶିକ୍ଷାବିତ୍ ଓ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଭବିଷ୍ୟତରେ ସ୍ୱରିତ ଆହୁରି ଉଚ୍ଚତର ସଫଳତା ହାସଲ କରି ଦେଶ ଓ ରାଜ୍ୟର ଗୌରବ ବୃଦ୍ଧି କରନ୍ତୁ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି।

ଚାଟେନପାଲି DAV ବିଦ୍ୟାଳୟରେ ଧୁମ୍‌ଧାମରେ ପାଳିତ ହେଲା ଶିଶୁ ଦିବସ

କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କଲେMCL ମହାଲକ୍ଷ୍ମୀ ଏରିଆର ଅଧିକାରୀ



ଲେଫ୍ରିପଡ଼ା: ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଚାଟେନପାଲି ସ୍ଥିତ ଡିଇଓ ବିଦ୍ୟାଳୟରେ ଆଜି ମହାଆଡ଼ମ୍ବର ଓ ଉତ୍ସାହର ସହିତ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇ ଉଠିଥିଲା। କାର୍ଯ୍ୟକ୍ରମରେ ଗଉଖ ମହାଲକ୍ଷ୍ମୀ ଏରିଆର ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ସେମାନଙ୍କ ସଫଳତାର ପ୍ରଶଂସା କରିଥିଲେ। ଏଥିସହିତ ଶିଶୁମାନଙ୍କ ମଧ୍ୟରେ ମିଠା ବଣ୍ଟନ କରାଯାଇ ଖୁସିର ମାହୋଲ ସୃଷ୍ଟି କରାଯାଇଥିଲା। ଶିଶୁମାନେ ଦେଶର ଭବିଷ୍ୟତ ଓ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ଶିକ୍ଷା ସହିତ ଉତ୍ସାହ ଓ ପ୍ରେରଣାର ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ଗୁରୁତ୍ୱ ଦିଆଯାଇଥିଲା। ଅଧିକାରୀ ମାନଙ୍କ ଉପସ୍ଥିତି ଓ ପୁରସ୍କାର ବିତରଣ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉତ୍ସାହ ଭରିଦେଇଥିଲା।

ଶିଶୁଙ୍କ ହସ ଓ ଖୁସିରେ ମୁଖରିତ ହେଲା ଚାଟେନପାଲି DAV ବିଦ୍ୟାଳୟ ପରିସର।

ପିଏମ୍ ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ

ଢେଙ୍କାନାଳ: ଢେଙ୍କାନାଳ ପିଏମ୍ ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆନନ୍ଦ ଉଲ୍ଲାସ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି ଶିଶୁ ଦିବସ। ପ୍ରଥମେ ବିଦ୍ୟାଳୟର ପଞ୍ଚସଖାଙ୍କୁ ମାଲ୍ୟାର୍ପଣ କରାଯିବା ସହିତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିନତି ଦେହୁରୀ, ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ , ଛାତ୍ର ଛାତ୍ରୀ ଏଚ୍‌ଏମ୍‌ସି ସଦସ୍ୟ ସଦସ୍ୟା,



ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଏହି ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶିଶୁ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରି ପ୍ରଧାନ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ହସ, ଖୁସି, ଶିକ୍ଷା ଓ ସାମଗ୍ରିକ ବିକାଶ ଉପରେ ହିଁ ଦେଶର ଉନ୍ନତି ନିର୍ଭର କରେ। ତେଣୁ ପିଲାମାନେ କେବଳ ଆଜି ନୁହେଁ, ପ୍ରତିଦିନକୁ ସ୍ୱତନ୍ତ୍ର କରିବା ସହ ମହାପୁରୁଷମାନଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରିବା ଉଚିତ୍। ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଶିଶୁମାନଙ୍କ ପ୍ରତି ତାଙ୍କର ଭଲପାଇବା ଓ ସ୍ନେହକୁ ଏହି ଦିବସ ମନେ ପକାଇଦିଏ। ଶେଷରେ ଉପସ୍ଥିତ ସମସ୍ତ ଅତିଥି, ଛାତ୍ରୀମାନଙ୍କୁ ଶିଶୁ ଦିବସର ଶୁଭେଚ୍ଛା ଜଣାଇବା ସହ ଉତ୍ସବର ସମାପନ କରାଯାଇଥିଲା।

ମେଗା ସ୍ୱଚ୍ଛ ଝାରସୁଗୁଡ଼ା ଅଭିଯାନ; ସଫେଇ ଅଭିଯାନରେ ସାମିଲ ହେଲେ ବିଧାୟକ ଓ ଜିଲ୍ଲାପାଳ

ଝାରସୁଗୁଡ଼ା : ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଝାରସୁଗୁଡ଼ା ଗଠନ ଦିଗରେ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ 'ମେଗା ସ୍ୱଚ୍ଛ ଝାରସୁଗୁଡ଼ା ଅଭିଯାନ' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୭ଟାରୁ ସହରର ୫୦ଟି ନିର୍ଦ୍ଧାରିତ ସ୍ଥାନରେ ଆୟୋଜିତ ଏହି ମହା ସ୍ୱଚ୍ଛତା ଅଭିଯାନରେ ଝାରସୁଗୁଡ଼ାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ ଏବଂ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରମୁଖ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଚହ୍ୱାଣ ଉପସ୍ଥିତ ଜନସାଧାରଣ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଶ୍ରୀ ତ୍ରିପାଠୀ ଏବଂ ଜିଲ୍ଲାପାଳ ସହରର ଝଣ୍ଟାଚୌକ ଓ ମନମୋହନ ପଡ଼ିଆଠାରେ ସ୍ୱଚ୍ଛକର୍ମୀ ଭାଇଭଉଣୀମାନଙ୍କ ସହ ମିଶି ହାତରେ ଝାଡୁ ଧରି ସଫେଇ କାର ?ୟରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ସ୍ୱଚ୍ଛତା କେବଳ ଏକ ଅଭିଯାନ ନୁହେଁ, ଏହା ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ଓ ନାଗରିକ କର୍ତବ୍ୟ । ଏହି ସଂକଳ୍ପକୁ କେବଳ ଶପଥରେ ସୀମିତ ନରଖି ନିଜ ଦୈନନ୍ଦିନ ଜୀବନର ଅଭ୍ୟାସରେ ପରିଣତ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ସମସ୍ତଙ୍କ ଛୋଟ ଛୋଟ ପ୍ରୟାସ ଓ ସାମୂହିକ ସହଭାଗିତା ହିଁ ଆମ ସ୍ୱପ୍ନର ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଝାରସୁଗୁଡ଼ା। ଗଠନରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କାଉନସିଲର ବନ୍ଦନା ମୁନ୍ଦ୍ରା, ତରଙ୍ଗ ଦୁବେ ଏବଂ ଦେବବ୍ରତ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।ଏହି ସ୍ୱଚ୍ଛତା ଅଭିଯାନ ପରେ ବିଧାୟକ ଶ୍ରୀ ତ୍ରିପାଠୀ ଓ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଆଗାମୀ ପବିତ୍ର ଛଟ୍ ପୂଜା ଏବଂ କାର୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଟାଉନସ୍ଥିତ ମାରଓ୍ୱାଡ଼ି ତଲାବ ପରିଦର୍ଶନ କରିଥିଲେ । ପର୍ବପର୍ବାଣୀ ସମୟରେ ଶ୍ରଦ୍ଧାଳୁମାନଙ୍କ ପାଇଁ ତଲାବ ପରିସରରେ ପରିମଳ, ସ୍ୱଚ୍ଛତା, ଆଲୋକୀକରଣ, ସୁରକ୍ଷା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ସହ ସମସ୍ତ ଆବଶ୍ୟକୀୟ କାର୍ଯ୍ୟ ସମୟୋଚିତ ଭାବେ ସମ୍ପନ୍ନ କରିବାକୁ ଉଭୟେ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ପବିତ୍ର ପର୍ବଗୁଡ଼ିକ ଶାନ୍ତି, ଶୃଙ୍ଖଳା ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ ହେବା ପ୍ରଶାସନର ସର୍ବୋଚ୍ଚ ପ୍ରାଥମିକତା ବୋଲି ବିଧାୟକ ପ୍ରକାଶ କରିଥିଲେ । ଆଜିର ଏହି ମହା ସ୍ୱଚ୍ଛତା ଅଭିଯାନରେ ସହରର ବହୁ ଯୁବବର୍ଗ, ସ୍ୱେଚ୍ଛାସେବୀ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତା, ପୌର ପରିଷଦର ସ୍ୱଚ୍ଛକର୍ମୀ, ପ୍ରଶାସନିକ ଅଧିକାରୀ ଏବଂ ସାଧାରଣ ଜନତା ବିପୁଳ ସଂଖ୍ୟାରେ ସାମିଲ ହୋଇ ଅଭିଯାନକୁ ସଫଳ କରିଥିଲେ ।

ରାଜ୍ୟସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଆବଂଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ

ସମ୍ବଲପୁର : ବଲାଙ୍ଗୀର ଠାରେ ଆଜି ପୂର୍ବାହ୍ନ ୧୧ଟାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଆବଂଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ସମ୍ବଲପୁର ସ୍ଥିତ ତପସ୍ୱିନୀ ହଲ୍ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ ଭୋଇ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର ଏବଂ ଧନକଉଡ଼ା ବିଡିଓ ଅନିଲ କୁଲୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମିଶ୍ର କହିଥିଲେ ଯେ, 'ଗୋଟିଏ ଦେଶ ବା ରାଜ୍ୟର ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ବରଂ ସାଧାରଣ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବା ଦ୍ୱାରା ହିଁ ପ୍ରତିଫଳିତ ହୋଇଥାଏ।' ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ, 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗ୍ରାମାଚଂଳରେ ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି ଏବଂ ୨୦୨୯ ମସିହା ସୁଦ୍ଧା ଜିଲ୍ଲାର ସମସ୍ତ ମାଟି ଘରକୁ ପକ୍କା ଘରରେ ପରିଣତ କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରୟାସ କରାଯାଉଛି।' ଏହି ଅବସରରେ ଜିଲ୍ଲାରେ ମଦ ଏବଂ ଜୁଆ ଭଳି ସାମାଜିକ କୁସଂସ୍କାର ଉପରେ ଉଦ୍‌ବେଗ ପ୍ରକାଶ କରି ବିଧାୟକ ଶ୍ରୀ ମିଶ୍ର ଜନସାଧାରଣଙ୍କୁ ଏଥିରୁ ନିବୃତ ରହିବାକୁ ପରାମର୍ଶ ଦେଇଥିଲେ। ସରକାରୀ ସହାୟତା ସହିତ ନିଜସ୍ୱ ସଂଚୟକୁ ବିନିଯୋଗ କରି ପ୍ରତ୍ୟେକ ପରିବାର ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି କଲେ ହିଁ ସମ୍ବଲପୁର ଜିଲ୍ଲା ରାଜ୍ୟର ଏକ ନମ୍ବର ବିକଶିତ ଜିଲ୍ଲା ଭାବେ ପରିଗଣିତ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ଝାରସୁଗୁଡ଼ାରେ ଭଉ୍ଆ ବଣ୍ଟନ କାର୍ଯ୍ୟକ୍ରମ : ୨,୧୦୮ ଜଣ ହିତାଧିକାରୀ ହେଲେ ଉପକୃତ

ଝାରସୁଗୁଡ଼ା: ସ୍ଥାନୀୟ ଏମ୍ସିଏଲ୍ ଅଡିଟରିୟମ ଠାରେ ଆଜି ଝାରସୁଗୁଡ଼ା ବ୍ଲକ ଏବଂ ଝାରସୁଗୁଡ଼ା ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଭଉ୍ଆ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକର ୯୪୪ ଜଣ ଏବଂ ଝାରସୁଗୁଡ଼ା ପୌର ପରିଷଦର ୧,୧୬୪ ଜଣ ନୂତନ ହିତାଧିକାରୀଙ୍କୁ ଭଉ୍ଆ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ନୂତନ ହିତାଧିକାରୀଙ୍କୁ ଭଉ୍ଆ ପ୍ରଦାନ ଏବଂ ପଞ୍ଜିକୃତ ପେନସନ ଯୋଜନାର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇଥିଲେ। ଏହାପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାଏକ ନୂତନ ଭାବେ ଯୋଜନାରେ ସାମିଲ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଅଞ୍ଚଳର ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସେ ନିଜ ଅଭିଭାଷଣରେ ଝାରସୁଗୁଡ଼ାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି, ନିୟମିତ ରୋଜଗାର ମେଳା ଆୟୋଜନ ଏବଂ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏଥିସହ ଆଗାମୀ ଦିନରେ ଜିଲ୍ଲାରେ ହୃଦରୋଗ ଚିକିତ୍ସାଳୟ, ବିଶ୍ୱବିଦ୍ୟାଳୟ, ଗୋଦାବରୀଶ ଶ୍ରୀ ଆଦର୍ଶ ବିଦ୍ୟାଳୟ ଏବଂ ମଙ୍ଗଳ ବଜାର ଚିକିତ୍ସାଳୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ।

ଶିଶୁ ଦିବସରେ ଶିଶୁ ଶ୍ରମମୁକ୍ତ ସମାଜ ଗଠନ ପାଇଁ ସମୂହ ଶପଥ

ପିଏମ୍ ଶ୍ରୀ ବିଦ୍ୟାଳୟରେ ନେହେରୁଙ୍କୁ ଶ୍ରଦ୍ଧାଞ୍ଜଳି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଝଲସିଲେ ଛାତ୍ରଛାତ୍ରୀ



ରାମନାଗୁଡ଼ା, ୧୪/୧୧ : ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିବସ ଅବସରରେ ରାମନାଗୁଡ଼ାସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଶିଶୁ ଦିବସ ମହାଆ